

“ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଚୋରି ବାଇକ୍ ଜବତ, ୩ ଗିରଫ

**ଧର୍ମଶାଳା, ୧୭।୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚଉଷଠିପଡା ରେଲଲାଇନ୍ ନିକଟରୁ ଚୋରି ହୋଇଥିବା ବାଇକ୍ ପୋଲିସ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାଣ୍ଡହରିପୁର ଅଞ୍ଚଳର ସୁଶାନ୍ତ ପ୍ରଧାନ, ନଟିଲୋରର ରବି ରଣା ଓ ଦହିପୁରର ବସନ୍ତ ସ୍ୱାଇଁ। ବୁଧବାର ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜେନାପୁର ଷ୍ଟେଶନ ବଜାରର ତରୁଣ କୁମାର ବେହେରାଙ୍କ (ଓଡି୨୨ଏ-୯୬୭୨) ବାଇକ୍ ଗତ ୧୫ ତାରିଖରେ ରେଲ୍‌ୱେ ଲାଇନ୍ ନିକଟରୁ ଚୋରି ହୋଇଥିଲା। ଏ ନେଇ ତରୁଣଙ୍କ ଅଭିଯୋଗ ଆଧାରରେ ପୋଲିସ (ନଂ.୧୬୬/୧୯) ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ରାତିରେ ଚୋରି ବାଇକ୍‌କୁ ଜବତ କରିବା ସହ ସମସ୍ତଙ୍କୁ ଗିରଫ କରିଥିଲା।

### ବ୍ୟାସ ପୂର୍ଣ୍ଣିମା ପାଳିତ

**ଧର୍ମଶାଳା, ୧୭।୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳିଙ୍ଗ କ୍ଲବ ପରିସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ମଙ୍ଗଳବାର ବ୍ୟାସପୂର୍ଣ୍ଣିମା ପାଳିତ ହୋଇଯାଇଛି। ରାଜକିଶୋର ପାଢ଼ୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ମନୋରଞ୍ଜ ମହାନ୍ତି ଯୋଗଦେଇ ବ୍ୟାସପୂର୍ଣ୍ଣିମା ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାସ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶାରଳା ମହାଭାରତ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଯୁଧିଷ୍ଠିର ସ୍ୱାଇଁ, ଯୁଗଳ କିଶୋର ଦାସ, ଅର୍ଜୁନ ପୃଷ୍ଟି, ନବଘନ ଜେନା, ଗୋଲଖଚନ୍ଦ୍ର ପଲେଇ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ।

### ଶ୍ରମିକ ଏକତା ମଞ୍ଚ ପକ୍ଷରୁ ଚାରାରୋପଣ

**ଧର୍ମଶାଳା, ୧୭।୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଶ୍ରମିକ ସଂଘ ଏକତା ମଞ୍ଚ ପକ୍ଷରୁ ବୁଧବାର ବାଜବାଟୀ ପାହାଡ ପାଦଦେଶରେ ଥିବା ଗ୍ରାମଗୁଡିକରେ ଚାରାରୋପଣ କରାଯାଇଛି। ମଞ୍ଚର ଉପଦେଷ୍ଟା ଦେବବ୍ରତ ରାଉତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବାହକ ମଣ୍ଡଳୀସଭ୍ୟ ବଳରାମ ଦାସ, ପ୍ରଶାନ୍ତ ଜେନା, ତପନ କୁମାର ଜେନା, ବିଦ୍ୟାଧର ପରିଡା ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ବାଜବାଟି ପାହାଡ ପାଦଦେଶକୁ ଲାଗିଥିବା କାନପୁର, ଗୌଉଡତଳୀ, କଣ୍ଟାମାଳିଆ, ତେଲର, ଛେଳିଆପଦା ଓ ନାକପୋଲ ଗ୍ରାମରେ ଏକ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇବା ପାଇଁ ଏକତା ମଞ୍ଚ ପକ୍ଷରୁ ଲକ୍ଷ୍ୟ ରଖିଛି। ଏହି ଅବସରରେ ବାଜବାଟି ପାହାଡରେ ଥିବା ଧାର୍ମିକ ପୀଠର ସୁରକ୍ଷା ଓ ଔଷଧୀୟ ଗଛର ସୁରକ୍ଷା ପାଇଁ କମିଟି ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନତା କରାଯାଇଥିଲା।

# ୩୨% ଏସ୍‌ସିଏସ୍‌ଟି ପିଲା ଡ୍ରପ୍‌ଆଉଟ

**ଯାଜପୁର ଅଫିସ, ୧୭।୭**





**ଯାଜପୁର ଜିଲାରେ ସର୍ବଶିକ୍ଷା ଅଭିଯାନ**
- ଏସ୍‌ସି ୧୭, ଏସ୍‌ଟି ୬୪ପ୍ରତିଶତ
- ନିରର୍ଥକ ହୋଇଛି ବିଭିନ୍ନ ଶିକ୍ଷା ଯୋଜନା
- ୧୫ ବର୍ଷ ପରେ ବି ସର୍ବଶିକ୍ଷା ବାଟବଣା

ଯାଜପୁର ଜିଲାରେ ୨୦୧୮-୧୯ ଶିକ୍ଷା ବର୍ଷରେ ଅନୁସୂଚିତ ଜାତି(ଏସ୍‌ସି) ଓ ଜନଜାତି (ଏସ୍‌ଟି) ଶ୍ରେଣୀର ସମୁଦାୟ ୩୨୬୨ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା(ଡ୍ରପଆଉଟ) ଜଣାପଡ଼ିଛି। ନାମ ଲେଖାଇଥିବା ସମୁଦାୟ ଏସ୍‌ସି ଓ ଏସ୍‌ଟି ପିଲା ସଂଖ୍ୟା ତୁଳନାରେ ଏହା ୩୨.୪୪ ପ୍ରତିଶତ ଅଟେ। ସେମାନଙ୍କ ମଧ୍ୟରୁ ଏସ୍‌ସି ବର୍ଗର ୧୧୪୬(୧୭ ପ୍ରତିଶତ) ଓ ଏସ୍‌ଟି ବର୍ଗର ୨୧୧୬(୬୪ ପ୍ରତିଶତ) ଅଟନ୍ତି। ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ୭୮୦ ନମ୍ବର ପ୍ରଶ୍ନର ଉତ୍ତରରେ ଯାଜପୁର ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଏହି ଉତ୍ତର ଦେଇଛନ୍ତି। ଏଥିରୁ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ, ବୟସ ଅନୁସାରେ ବିଭିନ୍ନ ଶ୍ରେଣୀରେ ନାମଲେଖା ବ୍ୟବସ୍ଥା, ସ୍ୱତନ୍ତ୍ର ତାଲିମ ଭିତ୍ତିକ ଶିକ୍ଷା ବ୍ୟବସ୍ଥା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସ ଆଦି ଯୋଜନାର ସଫଳତା ସମ୍ପୂର୍ଣ୍ଣ ବିଫଳ ବୋଲି ସ୍ପଷ୍ଟ ଅନୁମେୟ। ଏସ୍‌ଟି ଓ ଏସ୍‌ସି ଶ୍ରେଣୀର ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ପରିସରକୁ ଆଣିବା ପାଇଁ ଯାଜପୁର ସର୍ବଶିକ୍ଷା ଅଭିଯାନର ଉଦ୍ଦେଶ୍ୟ ଏକ ପ୍ରକାର ପରାହତ ହୋଇଥିବା ଏହି ରିପୋର୍ଟରୁ ଜଣାପଡୁଛି।

ସୂଚନାଯୋଗ୍ୟ ଯେ, ୨୦୦୪ ମସିହାରୁ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଛି। ୬ରୁ ୧୪ବର୍ଷର ବାଳିକାବାଳକଙ୍କୁ ବାଧ୍ୟତାମୂଳକ ଏବଂ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହାର ଏକ ଶାଖା ହେଉଛି ବାଳିକା ଶିକ୍ଷା କାର୍ଯ୍ୟକ୍ରମ। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ୬-୧୪ ବର୍ଷର ମୋଟ ୨,୮୪,୦୪୦ ବାଳିକାବାଳକ ରହିଛନ୍ତି। ତେବେ ଜିଲାରେ ଥିବା ୨୦୫୬ଟି ସରକାରୀ ପ୍ରାଥମିକ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ୨୦୧୮-୧୯ରେ ୧,୫୨,୮୦୫ ପିଲା ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୧୦,୦୫୩ (ଏସ୍‌ସି-୬,୭୪୬ ଓ ଏସସଟି-୩,୩୦୭)ପିଲାଙ୍କ ନାମ ଲେଖା ହୋଇଥିବାବେଳେ ୩,୨୬୨ ପିଲା ଡ୍ରପଆଉଟ ବୋଲି ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଯାଇଛି। ତେବେ ବାସ୍ତବତାଠାରୁ ଏହା ଭିନ୍ନ ରିପୋର୍ଟ ବୋଲି କୁହାଯାଉଛି। ଶିଳ୍ପ ବହୁଳ ଜିଲାରେ ମଧ୍ୟ ଏଭଳି ପରିସ୍ଥିତି ସଙ୍ଗୀନ ରହିଛି। ଦାରିଦ୍ର୍ୟତା, ଗ୍ରାମବସତିଠାରୁ ସ୍କୁଲର ଦୂରତା ଯୋଗୁ ଅଧିକାଂଶ ପିଲା ଅଧାରୁ ପାଠ ଛାଡୁଛନ୍ତି। ସେହିପରି ଗ୍ରାମାଞ୍ଚଳ ସ୍କୁଲଗୁଡିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ, ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କ ନିୟୋଜନ, ଜଣେ ମାତ୍ର ଶିକ୍ଷକ ଥିଲେ ସେ ବିଭାଗୀୟ କାର୍ଯ୍ୟରେ ସ୍କୁଲକୁ ନ ଗଲେ ସ୍କୁଲ ବନ୍ଦ ରହିବା ମଧ୍ୟ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆକର୍ଷିତ କରି ନ ପାରିବା ଅନ୍ୟ କାରଣ ହୋଇପାରେ ବୋଲି ମତପ୍ରକାଶ ପାଇଛି। ଆର୍ଥିକ ଅନଟନ ଯୋଗୁ ୪ର୍ଥ, ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ଅଧାରୁ ବନ୍ଦ କରି ଦେଉଛନ୍ତି। ସେମାନଙ୍କ ନାମକୁ ବୟସ ଅନୁସାରେ ଶ୍ରେଣୀରେ ନାମ ଲେଖା ଯାଉଛି ସତ ହେଲେ ସେହି ବାଳିକାବାଳକମାନେ ଘର କାମ କିମ୍ବା ଶିଶୁ ଶ୍ରମିକ ଭାବେ ନିୟୋଜିତ ରହୁଛନ୍ତି। ପିଲାମାନଙ୍କୁ ସ୍କୁଲକୁ ଆକୃଷ୍ଟ କରିବାକୁ ସରକାରଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମଧ୍ୟ କାମରେ ଲାଗୁନି। ଅନ୍ୟପକ୍ଷେ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ଉଦ୍ଦେଶ୍ୟ ସଫଳ ହେଉ ନ ଥିବାରୁ ଡ୍ରପଆଉଟ ସଂଖ୍ୟା ହ୍ରାସ ପାଇପାରୁନାହିଁ। ଡ୍ରପଆଉଟ ବାଳିକାମାନଙ୍କୁ ଖୋଜି କେଜିବିଭିରେ ନାମ ଲେଖାଇବା ପରିବର୍ତ୍ତେ ସାଧାରଣ ପିଲାଙ୍କୁ ସହଜରେ ଆଣି ନାମ ଲେଖାଯାଉଛି। ଜିଲାର ଯାଜପୁର ବ୍ଲକ ସୁଜନପୁର ଓ ସୁକିନ୍ଦା ବ୍ଲକ ହାତିବାରୀଠାରେ ୨ଟି କେଜିବିଭି ରହିଛି। ହଷ୍ଟେଲ ସୁବିଧା କରାଯାଇ ପ୍ରତ୍ୟେକ କେଜିବିଭିରେ ୬ଷ୍ଠ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଡ୍ରପଆଉଟ ବାଳିକାଙ୍କୁ ଅଧିକ ଗୁରୁତ୍ୱ ଦେବାକୁ କେଜିବିଭି ଗାଇଡଲାଇନରେ ରହିଛି। ସୁଜନପୁର କେଜିବିଭିରେ ୧୩୨ବାଳିକାଙ୍କ ମଧ୍ୟରୁ ମାତ୍ର ୩୫ ଜଣ ଓ ହାତିବାରୀ କେଜିବିଭିରେ ଥିବା ୧୪୪ଛାତ୍ରୀଙ୍କ ମଧ୍ୟରୁ ମାତ୍ର ୪୪ ଜଣ ଡ୍ରପଆଉଟ ଛାତ୍ରୀ ପାଠ ପଢୁଛନ୍ତି। କିନ୍ତୁ ଏହିସବୁ ପରିସଂଖ୍ୟାନ କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି ଯେ, ଡ୍ରପଆଉଟ ହାରକୁ ଶତକଡା ୧୦୦ ପ୍ରତିଶତ ଉପସ୍ଥାନ ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ତଦନୁସାରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

### ମହାବିନାୟକ ପୀଠରେ ଜିଲାପାଳଙ୍କ ଭଜନ ସିଡ଼ୀ ଲୋକାର୍ପିତ

**ଚଣ୍ଡିଖୋଲ, ୧୭।୭(ଡି.ଏନ୍.ଏ.)**

ପ୍ରସିଦ୍ଧ ଆଧାତ୍ମିକ ସ୍ଥଳ ପ୍ରଭୁ ମହାବିନାୟକ କ୍ଷେତ୍ରରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦୁଇଗୋଟି ମହାପ୍ରଭୁ ଜଗନ୍ନାଥ ଓ ଗଜାନନଙ୍କ ଭଜନ ସିଡ଼ି ବୁଧବାର ଲୋକାର୍ପିତ ହୋଇଛି। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏବେ ସଙ୍ଗୀତରେ ଭାବର ଅଭାବ ଦେଖାଦେଇଥିବାବେଳେ ଜିଲାପାଳ ତାହାକୁ ହୃଦୟଙ୍ଗମ କରି ନିଜ ଦ୍ୱାରା ଦୁଇ ଦୁଇଟି ଭାବ ପୂର୍ଣ୍ଣ ଭଜନ ସିଡ଼ି ପ୍ରସ୍ତୁତ କରିବା ସାଧୁ ଉଦ୍ୟମ ବୋଲି କହିଥିଲେ। ପଣ୍ଡିତ ବିଜୟ କୁମାର କରଶର୍ମାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ସମରେନ୍ଦ୍ର ମାହାଲା ସଞ୍ଚାଳନ କରିଥିଲେ। ଏଥିରେ ଜିଲାପାଳ ଦାସ ପ୍ରାରମ୍ଭିକ ସୂଚନା ସହ ନିଜର ଅନୁଭୂତି ବର୍ଣ୍ଣନା କରି ପ୍ରଶାସନିକ ଅଧିକାରୀମାନେ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦାୟିତ୍ୱ ଗ୍ରହଣ କରିଥାନ୍ତି ଓ କରିବେ। ମାତ୍ର ଜିଲାର ଏମିତି କିଛି ପୀଠ ସ୍ଥଳ ରହିଛି ଯାହାର ମାହାତ୍ମ୍ୟ ପ୍ରଚାର ପ୍ରସାର ପାଇଁ ଆଗଭରା ହୋଇ ଆସିବା ସମସ୍ତଙ୍କ କ୍ଷେତ୍ରରେ ସହଜ ହୋଇ ନ ଥାଏ। ତେଣୁ ସ୍ୱଳ୍ପ ସମୟ ମଧ୍ୟରେ ମା' ବିରଜା, ବରୁଣେଶ୍ୱର ଓ ହିଙ୍ଗୁଳାଙ୍କ ଉପରେ ୩ଟି ଆଲବମ୍ କରାଯାଇଛି। ଏବେ ମହାବିନାୟକ ପଞ୍ଚକ୍ଷେତ୍ରର ଆରାଧ୍ୟ ଦେବଙ୍କ ଉପରେ ଓ ଜଗନ୍ନାଥଙ୍କ ଉପରେ ଭାବ କୈବଲ୍ୟ ଶିର୍ଷକ ଦୁଇଟି ସିଡି ପ୍ରସ୍ତୁତ କରିବା ଆମ ମାନଙ୍କର ପ୍ରକୃତ ସମର୍ପଣ ହୋଇପାରିଛି ବୋଲି ଦାସ କହିଥିଲେ।

# ଶିଶୁ ପରିଚର୍ଯ୍ୟା କେନ୍ଦ୍ର ବୁଲିଲେ ବିଧାୟକ

**ଚଣ୍ଡିଖୋଲ, ୧୭।୭(ଡି.ଏନ୍.ଏ.)**



ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ଅନ୍ତେବାସୀଙ୍କ ଗହଣରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢାକେନ୍ଦୁଆଠାରେ ଅବସ୍ଥାପିତ ନେଶନ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ସମସ୍ୟା ସମ୍ପର୍କରେ ବୁଧବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଜିଲାପାଳ ରଞ୍ଜନ କୁମାର ଦାସ ପହଞ୍ଚି ବିଭିନ୍ନ ସମସ୍ୟା ବୁଝିଥିଲେ। ଏଠାରେ ରହୁଥିବା ଅନାଥ ଶିଶୁ ମାନଙ୍କୁ ପରିଚର୍ଯ୍ୟା କେନ୍ଦ୍ର ତରଫରୁ ଦିଆ ଯାଉଥିବା ସମସ୍ତ ସହଯୋଗ ଯଥେଷ୍ଟ ହୋଇପାରୁ ନ ଥିବାରୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରାଯାଇଥିଲା। ତେବେ ଏଠାରେ ପାଇଖାନା ନିର୍ମାଣ, ପାଚେରୀ ନିର୍ମାଣ, ରାଶନ ସାମଗ୍ରୀ ଯୋଗାଣ, ଗ୍ୟାସ ଓ ନିରବିଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା ଯୋଗାଇ ଦେବାକୁ ନେଶନର ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର ନିବେଦନ କରିଥିଲେ। ଏହି ସବୁ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଓ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସମିଆ ସରପଞ୍ଚ କାମିନୀ ଜେନା, ଗଣେଶ୍ୱର ବରାଳ, ସଂଜୟ କୁମାର ସ୍ୱାଇଁ, ମାନସ ପଣ୍ଡା, ସମିତି ସଭ୍ୟ ଶ୍ରୀକାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ବିନୋଦିନୀ ସାହୁ ଓ ପୂର୍ବତନ ସରପଞ୍ଚ ଯୁଗଳ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

■ ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ସୁକିନ୍ଦା, ୧୭।୭(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଦାମୋଦରପୁର ଗ୍ରାମର ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମୃତକ ଜଣଙ୍କ ଅଶୋକ ସାହୁ। ତାଙ୍କୁ ସୁକଳ୍ପିତ ଭାବେ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହେବା ସହ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଥିଲା। ଏ ନେଇ ପରିବାର ଲୋକେ ପ୍ରଥମେ ଦୁର୍ଘଟଣା ସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଘଟଣାର ସମାଧାନ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ବଡ଼ଭାଇ ଗ୍ରାମ ରାସ୍ତାରେ ମୃତଦେହ ରଖି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ଆଇଆଇସି ବିଚିତ୍ରାନନ୍ଦ ସେଠୀ, କଳିଙ୍ଗନଗର ଥାନା ଆଇଆଇସ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ୭୨ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ପରେ ଧାରଣ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ସୁକିନ୍ଦା ବ୍ଲକ ଦାମୋଦରପୁର ଗ୍ରାମର ଅଶୋକ ସାହୁ ସୁକିନ୍ଦା ବ୍ଲକରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାମ କରନ୍ତି। ବୁଧବାର ସକାଳେ ସ୍କୁଟିରେ କାମକୁ ଯାଉଥିଲେ। ଏହି ସମୟରେ ସୁକିନ୍ଦା ବ୍ଲକ ମଙ୍ଗଳପୁର ଟସର ଫାର୍ମ ନିକଟରେ ପଛ ପଟୁ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ମୃତଦେହ ରାସ୍ତାରେ ରଖି ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଶୋକଙ୍କୁ ସୁକଳ୍ପିତଭାବେ ହତ୍ୟା କରାଯାଇଥିବା ବାପା ଅଭିଯୋଗ କରିଥିଲେ। ସୁକିନ୍ଦା ଆଇଆଇସି ବିଚିତ୍ରାନନ୍ଦ ସେଠୀ ପହଞ୍ଚି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏନେଇ ଏକ ମାମଲା (ନଂ.୧୭୭/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ମୃତକଙ୍କ ବଡ଼ଭାଇ ପ୍ରକାଶ କୁମାର ସାହୁ ପୁନର୍ବାର ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ଟମକା-ମଙ୍ଗଳପୁର ରାସ୍ତାର ଦାମୋଦରପୁର ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡି ଡ୍ରାଇଭର ରଞ୍ଜନ କୁମାର ସେଠୀ ପୂର୍ବ ଶତ୍ରୁତାକୁ ନେଇ ଭାଇଙ୍କୁ ମାରିଥିବା ଅଭିଯୋଗ କରିଥିଲେ। ଆଇଆଇସି ବିଚିତ୍ରାନନ୍ଦ ସେଠୀ, କଳିଙ୍ଗନଗର ଥାନା ଆଇଆଇସ ଏକ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ବଡଭାଇ ପ୍ରକାଶ ପୁଣି ଏକ ଲିଖିତ ଅଭିଯୋଗ କରିବା ସହ ଘଟଣାର ତଦନ୍ତ ଦାବି କରିଥିଲେ। ୭୨ ଘଣ୍ଟା ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ସୁକିନ୍ଦା ଆଇଆଇସି ପ୍ରତିଶ୍ରୁତି ଦେଇଥିଲେ। ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସ, ଦାନଗଦୀ ବିଡିଓ ମଣିପ୍ରସାଦ ମିଶ୍ରଙ୍କ ସହ ସୁକିନ୍ଦା ବ୍ଲକର ସମସ୍ତ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ।



ମୃତ ଦେହ ରଖି ରାସ୍ତାରୋକୋ କରାଯାଇଛି।

# ଧାରଣାରେ ବସିବେ ସାଦକପୁରବାସୀ

**ସାଦକପୁର ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ ଦୁର୍ନୀତି ଘଟଣାରେ କାର୍ଯ୍ୟାନୁଷ୍ଠାନ ଶୂନ**

**କୋରେଇ, ୧୭।୭(ସ୍ୱ.ପ୍ର):** କୋରେଇ ବ୍ଲକ ଅର୍ନ୍ତଗତ ସାଦକପୁର ପଞ୍ଚାୟତର ଏଲ୍‌ଇଡି ଲାଇଟ ଘୋଟାଲା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଆସନ୍ତା ୨୪ରେ ସାଦକପୁରବାସୀ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

କିଛିଦିନ ତଳେ ସାଦକପୁର ପଞ୍ଚାୟତରେ ହୋଇଥିବା ଏଲ୍‌ଇଡି ଷ୍ଟ୍ରିଟଲାଇଟ ଘୋଟାଲାରେ ୨ଲକ୍ଷର ଲାଇଟ ଲଗାଇ ୮ଲକ୍ଷରୁ ଉର୍ଦ୍ଧ୍ୱ ଚଳୁ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ବ୍ଲକ ପ୍ରଶାସନ ବ୍ଲକର ଦୁଇଜଣ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସେମାନେ ତଦନ୍ତ କରି ୪୫ ୱାଟ ଲାଇଟ ବଦଳରେ କମ୍ ୱାଟର ଲାଇଟ ଲାଗିଥିବା ହୃଦୟଙ୍ଗମ କରିଥିଲେ। ଏହା ସହିତ ଆର୍ଥିଂର ବ୍ୟବସ୍ଥା ଥିଲେ ମଧ୍ୟ ଏହା କରାଯାଇ ନାହିଁ। ସେହିପରି ପଞ୍ଚାୟତରେ ଏହି ଲାଇଟ କ୍ରୟ କରିବା ପାଇଁ ଏକ କମିଟି କରାଯାଇଥିବା ସୂଚନା ମିଳିଛି। ଏହାପରେ ଅଧିକାରୀ ଦ୍ୱୟ ତଦନ୍ତ କରି ରିପୋର୍ଟ ବିଡିଓଙ୍କୁ ଦେଇଥିବାବେଳେ ବିଡିଓ ଉମାକାନ୍ତ ପରିଡା ତାହା ଯାଜପୁର ଜିଲାପାଳଙ୍କୁ ହସ୍ତାନ୍ତର କରିଛନ୍ତି। କିନ୍ତୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ହୋଇ ପାରି ନାହିଁ। ଏହାର ବିରୋଧରେ ସାଦକପୁରବାସୀ ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ଏକ ଘୋଷଣାପତ୍ର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ବିଧାନସଭା ଓଡ଼ିଶା, କଂଗ୍ରେସ ବିଧାୟକ ଦଳର ନେତା, କୋରେଇ ବିଧାୟକ, ଯାଜପୁର ଜିଲାପାଳ, ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ, ଯାଜପୁର ଏସ୍‌ପି, କୋରେଇ ବିଡିଓ, କୋରେଇ ପଞ୍ଚାୟତ ସମିତି ଅଧକ୍ଷା, କୋରେଇ ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି।

**ବେଆଇନ ବାଲି ଉଠାକୁ ବିରୋଧ**

# ୧୪୪ ଧାରା ଜାରି



ତହସିଲଦାର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ବିଞ୍ଝାରପୁର, ୧୭।୭ (ଡି.ଏନ୍.ଏ.)**

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଘଣ୍ଟିଆଳ ଗ୍ରାମ ପଞ୍ଚାୟତ ସଂଲଗ୍ନ ଖରସ୍ରୋତା ନଦୀରୁ ବେଆଇନଭାବେ ବାଲି ଉଠାକୁ ନେଇ ବୁଧବାର ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବାଲିଘାଟରୁ ବାଲି ନେଇ ଆସୁଥିବା ଟ୍ରାକ୍ଟରକୁ ଗ୍ରାମବାସୀ ଅଟକାଇ ଥିଲେ। ଏହାକୁ ନେଇ ବାଲିମାଫିଆ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ଖବର ପାଇ ବିଞ୍ଝାରପୁର ତହସିଲଦାର ମିନତୀ ଜଗଦେବ ଓ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ଖରସ୍ରୋତା ନଦୀବନ୍ଧରେ ହୋଇଥିବା ବାଲି ପରିବହନ ପାଇଁ ନିର୍ମିତ ରାସ୍ତାକୁ ବନ୍ଦ କରିବା ସହ ବେଆଇନ ବାଲିଘାଟରେ ୧୪୪ ଧାରା ଜାରି କରାଯାଇଥିବା ତହସିଲ ଦାର କହିଛନ୍ତି।

ପ୍ରକାଶ ଯେ, ଘଣ୍ଟିଆଳ ସଂଲଗ୍ନ ଖରସ୍ରୋତା ନଦୀରୁ ବେଆଇନ ଭାବରେ ଗ୍ରାମର କେତେଜଣ ବାଲି ମାଫିଆ ବାଲି ଉଠାଣ କରୁଛନ୍ତି। ଏହି ବାଲି ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଟ୍ରାକ୍ଟର ଯୋଗେ ଗ୍ରାମ୍ୟ ଓ ନଦୀବନ୍ଧ ରାସ୍ତାରେ ପରିବହନ କରାଯାଉଛି। ଫଳରେ ଗ୍ରାମ୍ୟ ପରିବେଶ ଦୂଷିତ ହେବା ସହିତ ନଦୀ ବନ୍ଧ ଓ ଗ୍ରାମ୍ୟ ରାସ୍ତା ଶୋଚନୀୟ ହେଉଛି। ଏହାକୁ ନେଇ ବୁଧବାର ପୂର୍ବାହ୍ନରେ ଗ୍ରାମବାସୀ ବେଆଇନ ବାଲିଘାଟରୁ ବାଲି ପରିବହନ କରୁଥିବା ଟ୍ରାକ୍ଟରଗୁଡିକୁ ଅଟକାଇ ବିରୋଧ ପ୍ରଦର୍ଶନ କରିଥିଲେ।

■ ମାର୍କଣ୍ଡପୁର ପ୍ୟାକ୍ସ ଦୁର୍ନୀତି ମାମଲା

# ମିଳୁନି ଚାଷୀ ପଞ୍ଜୀକରଣ, ବ୍ୟାଙ୍କ ତଥ୍ୟ

**ଯାଜପୁର ଅଫିସ, ୧୭।୭**

- ଦୁଇ ଦିନ ପରେ ହାଇକୋର୍ଟରେ ଶୁଣାଣି
- ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ପାଇଁ ଅଡୁଆ

ଯାଜପୁର ଜିଲା ମାର୍କଣ୍ଡପୁର ପ୍ୟାକ୍ସରେ ଏକ ପରିବାରର ଆବଶ୍ୟକ ଜମି ନ ଥାଇ ୧୧୧୨ କ୍ୱିଣ୍ଟାଲ ଧାନ କିଣି ଅର୍ଥ ହରିଲୁଟ ମାମଲା ଦିନକୁ ଦିନ ରୋଚକ ହେବାରେ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବାକୁ ଆଉ ମାତ୍ର ୨ଦିନ ବାକିରହିଥିବାବେଳେ ଯାଜପୁର ମଣ୍ଡଳ ସମବାୟ ସମିତିର ସହକାରୀ ନିବନ୍ଧକ(ଏଆର୍‌ସିଏସ୍) ତଥ୍ୟ ନ ପାଇ ଚିନ୍ତାରେ ଥିବା ସୂଚନା ମିଳିଛି। ଏପରି କି ଏଥିରେ ସମ୍ପୃକ୍ତ ୟୁକୋ ବ୍ୟାଙ୍କ ଓ ଏସ୍‌ବିଆଇ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ଦେବାକୁ ମନା କରିଦେଇଥିବାବେଳେ ଜିଲା ଯୋଗାଣ ବିଭାଗ ମଧ୍ୟ ନିଜର ଅସହାୟତା ପ୍ରକାଶ କରିଛି। ଫଳରେ ମାର୍କଣ୍ଡପୁର ପ୍ୟାକ୍ସର ତତ୍କାଳୀନ ସମ୍ପାଦକ, ଏଆର୍‌ସିଏସ୍, ଡିଆର୍‌ସିଏସ୍ ପ୍ରମୁଖ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ହାଇକୋର୍ଟରେ ହୋଇଥିବା ମାମଲା ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ସଦର ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ଖରିଫ ଧାନକିଣାରେ ଏକ ପରିବାରର ୪ ଜଣ ଚାଷୀଙ୍କ ନାମରେ ୧୧୧୨ କ୍ୱିଣ୍ଟାଲ ଧାନ କିଣା ହୋଇଥିଲା। ଯାହାର ଅନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ। ଏଥିରେ ମାର୍କଣ୍ଡପୁର ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳି କାର୍ଯ୍ୟରତ ଦିଲୀପ କୁମାର ରାଉତଙ୍କ ନାମରେ ୨୪୩ କୁଇଣ୍ଟାଲ, ତାଙ୍କ ପତ୍ନୀ କବିତା ରାଉତଙ୍କ ନାମରେ ୨୭୦ କୁଇଣ୍ଟାଲ ଏବଂ ଦୁଇପୁଅ ଦିପକ କୁମାର ରାଉତଙ୍କ ନାମରେ ୨୯୬ କୁଇଣ୍ଟାଲ ଓ ତପନ କୁମାର ରାଉତଙ୍କ ନାମରେ ୩୦୦ କୁଇଣ୍ଟାଲ ଧାନ କିଣା ହୋଇଥିଲା। ଏହି ମହା ଦୁର୍ନୀତି ସମ୍ପର୍କରେ ମାର୍କଣ୍ଡପୁର ଗ୍ରାମର ରାମଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ଓ ଦୁଲୀପ କୁମାର ମହାପାତ୍ର, କମଳପୁର ଗ୍ରାମର ଦୟାନିଧି ସାହୁ ଓ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର ଯାଜପୁର ଜିଲାପାଳଙ୍କ ସମେତ ରାଜ୍ୟ ସମବାୟ ସମିତିର ନିବନ୍ଧକ, ଏଆର୍‌ସିଏସ୍, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ସେତେବେଳେ ତଦନ୍ତ ମଧ୍ୟ ହୋଇଥିଲା। ହେଲେ ତଦନ୍ତ ରିପୋର୍ଟକୁ ଚପାଇ ଦିଆଯାଇଥିଲା। ଏହାପରେ ଅଭିଯୋଗକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ହାଇକୋର୍ଟରେ ଡବ୍ଲ୍ୟୁପି(ସି)/୧୪୨୩୧/୨୦୧୮ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ୧୫।୪।୨୦୧୯ ତାରିଖରେ ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଆବଶ୍ୟକ ତଦନ୍ତ କରି ୨୦।୭।୨୦୧୯ ତାରିଖରେ ପରବର୍ତ୍ତି ଶୁଣାଣିରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ରାଜ୍ୟ ସମବାୟ ସମିତିର ଯୁଗ୍ମ ନିବନ୍ଧକ ୨୦୧୫-୧୬ ବର୍ଷର ଉପରୋକ୍ତ ୪ଜଣ ଚାଷୀଙ୍କ ନାମ ପଞ୍ଜିକରଣ, ଜମି ସମ୍ବନ୍ଧୀୟ ତଥ୍ୟ, ବ୍ୟାଙ୍କର ଆକାଉଣ୍ଟ ତଥ୍ୟ, ଧାନ କିଣା ତଥ୍ୟ ପ୍ରଭୃତି ତଥ୍ୟ ଧରି ଆସନ୍ତା ୨୦ ତାରିଖରେ ଅପରାହ୍ନ ସାଢେ ୩ଟା ସମୟରେ ରାଜ୍ୟ ସମବାୟ ସମିତି କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଏଆର୍‌ସିଏସଙ୍କୁ ନିର୍ଦ୍ଦେଶ ହୋଇଥିଲେ। ଏହିମର୍ମରେ ଜିଲା ଯୋଗାଣ ଅଧିକାରୀ, ୟୁକୋ ଓ ଏସ୍‌ବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମୁଖଙ୍କୁ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ ଏଆର୍‌ସିଏସ ଶରତ ମଲ୍ଲିକ ଲିଖିତ ଭାବେ ଅନୁରୋଧ କରିଥିଲେ। ହେଲେ ହାଇକୋର୍ଟରେ ହାଜିରା ହେବାକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ କୌଣସି ତଥ୍ୟ ମିଳି ନ ଥିବା ସୂଚନା ମିଳିଛି। ଓଡିଶା ଫୁଡ୍ ପୋର୍ଟାଲରୁ ଚାଷୀ ପଞ୍ଜିକରଣ ତଥ୍ୟ ଉଭାନ ହୋଇଯାଇଛି। ଏହି ପାକ୍ସ ଦୁର୍ନୀତି ତଦନ୍ତ ହେବାପରେ ମାର୍କଣ୍ଡପୁର ପାକ୍ସ କର୍ତ୍ତୃପକ୍ଷ, ଯୋଗାଣ ଅଧିକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିବାଦୀୟ ଭୂମିକା ତଦନ୍ତ ସାପେକ୍ଷ ହୋଇଛି। ଏହି ପାକ୍ସରେ ପୂର୍ବରୁ ଏଭଳି ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ସନ୍ଦେହ କରାଯାଉଛି। ଏହି ଦୁର୍ନୀତିରେ ସମ୍ପୃକ୍ତ କେତେକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଛପି ରହିଥିବାବେଳେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଛି। ଏସଂକ୍ରାନ୍ତରେ ଯାଜପୁର ଏସ୍‌ଆର୍‌ସିଏସ୍ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଜିଲା ଯୋଗାଣ ବିଭାଗ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଆବଶ୍ୟକ ତଥ୍ୟ ନାହିଁ ବୋଲି ଲିଖିତ ଭାବେ ଏଡ଼ାଇ ଯାଇଛନ୍ତି। ତେଣୁ ରାଜ୍ୟ ସମବାୟ ସମିତିର ନିବନ୍ଧକଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ମାର୍କଣ୍ଡପୁର ପ୍ୟାକ୍ସର ତତ୍କାଳୀନ ସମ୍ପାଦକ ଅବସର ନେଇ ସାରିଛନ୍ତି। ତେଣୁ ତାଙ୍କ ବିରୋଧରେ କୌଣସି ଆର୍ଥିକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। କୋର୍ଟ ଯାହା ନିର୍ଦ୍ଦେଶ ଦେବ ତଦନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଲ୍ଲିକ କହିଛନ୍ତି।



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ୍ୟ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଚାରାରୋପଣ

ବରୀ,୧୭।୭(ସ୍ୱ.ପ୍ର)- ବରୀ ନିର୍ବାଚନମଣ୍ଡଳୀର ଛତିଶିଦେବିଲି ପଞ୍ଚାୟତର ମହମ୍ମଦ ଜେମାଦେଇପୁର ଓ ରୁଦ୍ରଚରଣ ହାଇସ୍କୁଲ୍ ପରିସରରେ ବୁଧବାର ବିଧାୟିକା ସୁନନ୍ଦା ଦାସ ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଛନ୍ତି। ଏଥିରେ ଛାତ୍ରୀଛାତ୍ର, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ରୁଦ୍ରଚରଣ ହାଇସ୍କୁଲ ଖେଳ ପଡ଼ିଆରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ ଦାସ ଫାଉଣ୍ଡେଶନ୍ ଓ ସ୍ଥାନୀୟ ପ୍ରଶାସନ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ସାମାଜିକ କର୍ମୀ ତଥା ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ର, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କୁ ନେଇ ପ୍ରତ୍ୟେହ ଚାରାରୋପଣ କରିବା ପାଇଁ ଶପଥ କରାଯାଇଛି। ଯାଜପୁର ବ୍ଲକ ବିଡିଓ ସୌରଭ ଚକ୍ରବର୍ତ୍ତୀ, ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଗଣେଷ ମହାକୁଡ଼, ଦେବେନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ସଭାପତି ରଞ୍ଜିତା ରାଉତ, ଛତିଶିଦେବିଲି ସରପଞ୍ଚ ଅଶ୍ୱିନୀ ବିଶ୍ୱାଳ, ସମିତି ସଭ୍ୟ ପ୍ରଫୁଲ୍ଲ ବିଶ୍ୱାଳ, କୁଳମଣି ବିଶ୍ୱାଳ, ରମଣୀ ରଞ୍ଜନ ରାଉତରାୟ, ପୂର୍ବତନ ସରପଞ୍ଚ ବିଭୂତି ସାହୁ, ପ୍ରଶାନ୍ତ ସାହୁ, ସରପଞ୍ଚ କେଦାର ସାମଲ, ହେମନ୍ତ ନାୟକ, ଜିଲା ପରିଷଦ ସଦସ୍ୟ ଅଶୋକ ସାମଲ ଓ ସରପଞ୍ଚ ସନ୍ତୋଷ ସାମଲ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ

ସିଂହପୁର,୧୭।୭(ଡିଏନଏ)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ନେମରା ଗ୍ରାମରେ ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଟ୍ରଷ୍ଟ ଓ ଗ୍ରାମବାସୀଙ୍କ ସହଯୋଗରେ ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେମରା ଗ୍ରାମରେ ରଥଯାତ୍ରା ଓ ବାହୁଡାଯାତ୍ରା ମହାସମାରୋହରେ ପାଳିତ ହେବା ପରେ ସାମାଜିକ କର୍ମୀ ଗଦାଧର ନନ୍ଦଙ୍କ ଉଦ୍ୟମରେ ମଙ୍ଗଳବାର ସଂସ୍କୃତିକୁ ବଜାୟ ରଖିବା ପାଇଁ ସ୍ୱାମୀମାନେ ସ୍ତ୍ରୀଙ୍କୁ ରସଗୋଲା ଖୁଆଇ ସ୍ଥାନୀୟ ଅଞ୍ଚଳରେ ଏକ ପରମ୍ପରା ସୃଷ୍ଟି କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଶ୍ରୀଜଗନ୍ନାଥ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ରୋଷ ଭଙ୍ଗ ପାଇଁ ରସଗୋଲା ଖୁଆଇବାର ବିଧି ଶ୍ରୀମନ୍ଦିରରେ ରହିଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ରବିନାରାୟଣ ପତି, ଶତ୍ରୁଘ୍ନ ପତି ପୂଜାକାର୍ଯ୍ୟ ସଞ୍ଚାଳନ କରିଥିଲେ. ପ୍ରଦ୍ୟୁମ୍ନ ପାତ୍ର, ବିପିନ ବିହାରୀ ଜେନା, ସୁଦର୍ଶନ ବେହେରା ଓ ସ୍ଥାନୀୟ ଲୋକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୪ ଦୋକାନ ଜଳିଗଲା

ବନ୍ତ, ୧୭।୭ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ତହସିଲ ଅନ୍ତର୍ଗତ କେନ୍ଦୁଆପଦାସ୍ଥିତ ଆନନ୍ଦବଜାରଠାରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ଗୃହ ଜଳିଯାଇଛି। ଏଥିରେ ଗୋଟିଏ ତେଜରାତି ଦୋକାନ, ଅଟୋପାର୍ଟ୍ସ, ଜେରକ୍ସ ଓ ଗ୍ରାହକ ସେବାକେନ୍ଦ୍ର ରହିଛି। ପ୍ରଥମେ ନକୁଳ ରାଉତଙ୍କ ତେଜରାତି ଦୋକାନରେ ନିଆଁ ଲାଗି ପାଖରେ ଥିବା ନୀଳମଣି ରାଉତ, ଗୋପାଳ ରାଉତ ଓ ଗୋଲକ ରାଉତଙ୍କ ଦୋକାନକୁ ବ୍ୟାପି ଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି।

# ବନ୍ଦ ହେଉନି ବେଆଇନ ବାଲିଚାଲାଣ

- କାର୍ଯ୍ୟକାରୀ ହେଉନି ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ
- ଫଳପ୍ରଦ ହେଉନି ତହସିଲ କର୍ତ୍ତୃପକ୍ଷଙ୍କ ଚଢ଼ାଉ
- ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା

ରସୁଲପୁର,୧୭।୭(ଡିଏନଏ)



ରସୁଲପୁର ତହସିଲ ଅଞ୍ଚଳ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଏହି ତହସିଲର ଉତ୍ତର ସୀମାରେ ଖରସ୍ରୋତା ଓ ଦକ୍ଷିଣ ସୀମାରେ ବ୍ରାହ୍ମଣୀ ନଦୀ ରହିଛି। ଏହି ଦୁଇ ନଦୀଗର୍ଭରୁ ଏକାଧିକ ବେଆଇନ ବାଲିଘାଟରୁ ଦୈନିକ ଶହଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଏ ବାବଦରେ କୋଟିକୋଟି ଟଙ୍କା ରାଜସ୍ୱହାନୀ ଘଟୁଛି। ମାତ୍ର ବାଲି ମାଫିଆଙ୍କ ସାମ୍ରାଜ୍ୟ ବିସ୍ତାର କରିବାରେ ଏହା ସହାୟକ ହୋଇଛି। ଏହାକୁ ରୋକିବାରେ ଉଭୟ ତହସିଲ ଓ ପୋଲିସ ପ୍ରଶାସନ ବିଫଳ ହୋଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଏ ଦିଗରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି। ବାଲି ମାଫିଆଙ୍କ ପାଇଁ ସରକାରୀ ନିୟମକୁ କୋହଳ କରିଦିଆଯାଇଛି। ନିଲାମଘାଟ ଚଳାଇବା ପାଇଁ ପ୍ରଶାସନ ସହଯୋଗ କରିପାରୁ ନାହିଁ। ମାଫିଆଙ୍କ ଦୌରାମ୍ୟ ଯୋଗୁ ଆଇନଗତ ବାଲିଘାଟ ବନ୍ଦ ରହିଥିବାବେଳେ ବେଆଇନ ବାଲିଘାଟରୁ ବ୍ୟାପକ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳିଛି।

ଜୁଲାଇ, ୨୦୧୮ରେ ସମଗ୍ର ରାଜ୍ୟରେ ବାଲି ଚୋରି ରୋକିବା ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଉନ୍ନୟନ କମିଶନର, ଜଙ୍ଗଲ ଓ ପରିବେଶ ବିଭାଗ, ଇସ୍ପାତ ଓ ଖଣି, ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ବାଣିଜ୍ୟ ଓ ପରିବହନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ଉପସ୍ଥିତ ଥିଲେ। ବାଲି ଚୋରି ରୋକିବା ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏ ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀ, ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଆଇନ ବାଲିଘାଟ ସମ୍ପର୍କରେ ପୋଲିସକୁ ତଥ୍ୟ ଯୋଗାଇ ଦେବା ସହ ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ସମସ୍ତ ସହଯୋଗ କରିବାକୁ କୁହାଯାଇଥିଲା। ମାତ୍ର ଏଠାରେ ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉ ନଥିବା କୁହାଯାଉଛି। ଏପରିକି ବେଆଇନ ବାଲି ଚାଲାଣ ରୋକିବାକୁ ପ୍ରୟାସ କରି ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ମାଡ଼ ଖାଇଥିଲେ। ବେଆଇନ ବାଲି ପରିବହନରେ ବ୍ୟବହୃତ ଟ୍ରାକ୍ଟରକୁ ତହସିଲଦାର ଜବତ କରିଥିଲେ। ମାଫିଆମାନେ ତହସିଲଦାରଙ୍କଠାରୁ ବାଲି ଟ୍ରାକ୍ଟର ଛଡାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ସେମାନଙ୍କୁ ଧରି ପାରି ନଥିଲା। ଅପରପକ୍ଷେ ପୋଲିସର ଢିଲାପଣ ଯୋଗୁ ଅଭିଯୁକ୍ତମାନେ ଉଚ୍ଚ ନ୍ୟାୟାଳୟରୁ ଜମି ମଞ୍ଜୁର କରି ନେଇଥିଲେ। ଏସବୁ ଘଟଣା ପରେ ବି ବେଆଇନ ବାଲି ପରିବହନ ବନ୍ଦ ହୋଇପାରୁ ନାହିଁ। ଏହି ତହସିଲ ଅଧୀନ ଖରସ୍ରୋତା ନଦୀର ପରିଡାବାଦ, ଖଣ୍ଡିତର, ବାହାଦଲାପୁର, ସରିଫାବାଦ, ରାଉତରାପୁର, ଯୋକଡିଆ ଆଦି ନଦୀଘାଟରୁ ବେଆଇନ ବାଲିଚାଲାଣ ହେଉଛି। ଏହାଛଡା ବ୍ରାହ୍ମଣୀ ନଦୀର କରଜଙ୍ଗା, ମହେଶ୍ୱରପୁର, କଳଣ, ନୂଆହାଟ, ବଡଚଅପୋଇ, ବ୍ରହ୍ମବରଦା, ବ୍ରାହ୍ମଣବାଡ, ଅତଲାପୁର, ସାମନ୍ତରାପୁର, ଲଙ୍କାବାଲି ସାହି, ଚାନ୍ଦପୁର ଆଦି ସ୍ଥାନରୁ ବ୍ୟାପକ ଚୋରା ବାଲି ଚାଲାଣ ହେଉଛି। ଦୈନିକ ଶହଶହ ଟ୍ରିପ ବାଲି ଜିଲା ଓ ଜିଲା ବାହାରକୁ ପରିବହନ ହେଉଛି। ପୋଲିସ ଓ ତହସିଲ ପ୍ରଶାସନ ସେଗୁଡିକୁ ରୋକି ପାରୁନାହିଁ। ଏହାଛଡା ଚଳିତବର୍ଷ ତହସିଲ ପକ୍ଷରୁ ବ୍ରାହ୍ମଣୀ ନଦୀ ଉପରେ ଭଗତପୁର, କଳଣ, ଚାନ୍ଦପୁର, ମହେଶ୍ୱରପୁର, ଖରସ୍ରୋତା ନଦୀ ଉପରେ ପରିଡ଼ାବାଦ ଓ ଖଣ୍ଡିତର ଆଦି ବେଆଇନ ବାଲିଘାଟକୁ ନିଲାମ ଦିଆଯାଇଥିଲା। ନିଲାମଧାରୀ ବାହାର ଅଞ୍ଚଳର ହୋଇଥିବାରୁ ବାଲି ମାଫିଆମାନେ ସେମାନଙ୍କୁ ଘାଟ ଚଳାଇବାକୁ ଦେଇ ନ ଥିଲେ। ବାଲି ପରିବହନ ସମ୍ଭବପର ନ ହେବା ଜାଣି ନିଲାମଧାରୀ ତହସିଲକୁ ରାଜସ୍ୱ ଫାଙ୍କିବାକୁ ପ୍ରୟାସ କରି ଆସୁଛନ୍ତି। ଏ ଦିଗରେ ତହସିଲ ପ୍ରଶାସନ ଆଖିଦୃଶିଆ ପଦକ୍ଷେପ ନେଇପାରୁ ନାହାନ୍ତି। ଏପରିକି ରସୁଲପୁର ତହସିଲ ଅଞ୍ଚଳରେ ବାଲି ଚୋରାଚାଲାଣ ରୋକିବାରେ ସମଗ୍ର ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରୁ ସେ ବାଲି ଚୋରାଲାଣ ବ୍ୟାପକ ହେଉଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ମାତ୍ର ସେ ବିଭିନ୍ନ ସମୟରେ ଚଢାଉ ଜାରି ରଖିଛନ୍ତି। ଆଗାମୀ ଦିନରେ ଚଢାଉ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ମାତ୍ର ଏ ନେଇ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ସେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଦେଇଛନ୍ତି। ତହସିଲଦାର ଯେତେବେଳେ ଚାହୁଁଛନ୍ତି ତାଙ୍କୁ ଫୋର୍ସ ଯୋଗାଇ ଦିଆଯାଉଛି। ମାତ୍ର ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହେବା ନେଇ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।

### 'ଶୋଇବା ପୂର୍ବରୁ ଛାତ୍ରୀଛାତ୍ର ନିଜ ଭୁଲ୍‌ର ତର୍ଜମା କରିବା ଉଚିତ'

ବରୀ,୧୭।୭(ସ୍ୱ.ପ୍ର)

ବରୀ ନିର୍ବାଚନ ମଣ୍ଡଳୀ ଅଧୀନ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ପକ୍ଷରୁ ବୁଧବାର ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲାବେଳେ ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ବିଧାୟିକା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟିକା ଦାସ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବା ସହିତ ଶୋଇବା ପୂର୍ବରୁ ନିଜ ଭୁଲ୍ ତ୍ରୁଟିକୁ ତର୍ଜମା କରିବା ଓ ନିଜର ଜୀବନକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିବା ପାଇଁ କହିଥିଲେ। ସତ୍‌ପଥରେ ରହିଲେ ନିଶ୍ଚୟ ଭବିଷ୍ୟତରେ ଭଲ ମଣିଷ ହୋଇପାରିବ ବୋଲି ବିଧାୟିକା ଦାସ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ବରୀ ବିଜେଡି ନେତା ଦେବେନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ମହାକୁଡ଼, ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ଶିକ୍ଷକ ବିକ୍ରମ ଦାସ, କୁଳମଣି ରାଉତ, ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ଉପସ୍ଥାପନା କରିବା ସହିତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିଦ୍ୟାଳୟର ଐତିହ୍ୟ, ପରମ୍ପରାକୁ ବର୍ଣ୍ଣନା କରିଥିଲେ। ଶେଷରେ ଗଣେଶ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ଗ୍ରାମରେ ପରିଣତ ହେବ ବୁରୁସାହି: ଜିଲାପାଳ

ଧର୍ମଶାଳା/ଜେନାପୁର, ୧୭।୭(ଡି.ଏନ୍.ଏ.)

ଯାଜପୁର ଜିଲାର ଦ୍ୱିତୀୟ ନଗଡାଭାବେ ପରିଚିତ ଧର୍ମଶାଳା ବ୍ଲକର ବୁରୁସାହିରେ ବୁଧବାର ଜିଲା ପ୍ରାଶସନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ବୁରୁସାହି ବାସିନ୍ଦାଙ୍କୁ ଭେଟି ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ଓ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଭୂମିହୀନ ଆଦିବାସୀଙ୍କୁ ଗ୍ରାମ ପଲ୍ଲିସଭା ମାଧ୍ୟମରେ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ଜମି ପଟ୍ଟା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏକବର୍ଷ ମଧ୍ୟରେ ବୁରୁସାହି ଏକ ଅଦର୍ଶ ଗ୍ରାମରେ ପରିଣତ ହେବ ବୋଲି ଜିଲାପାଳ କହିଥିଲେ। ପ୍ରତି ସପ୍ତାହରେ ବୁରୁସାହି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିକଟସ୍ଥ ଡାକ୍ତରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ବୁରୁସାହିରେ ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରୁ ଆସି ୨୨ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି। ଏମାନେ ସ୍ଥାନୀୟ କ୍ରଶର ୟୁନିଟ୍ ଓ ପାହାଡରେ କାମକରି ବହୁ କଷ୍ଟମଷ୍ଟେ ଜୀବିକା ନିର୍ବାହ କରୁଛନ୍ତି। ଏ ନେଇ ଖବର ବହୁବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲ। ବୁରୁସାହି ବାସିନ୍ଦାଙ୍କ ଉନ୍ନତି ପାଇଁ ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୁଧବାର ଏକ ସ୍ୱାସ୍ଥ୍ୟ ଶିବିର ଅୟୋଜନ କରାଯାଇଥିଲା। ଏହି ଅବସରରେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ମାନସ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ନିଦାନ ଭେଷଜ ବିଭାଗର ସେକ୍ କୋମାର ମହମଦ, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଉମାକାନ୍ତ ମଲ୍ଲିକ, ଶିଶୁ ରୋଗ ବିଶେଷଜ୍ଞ ଦୀପକ କୁମାର ବେହେରା, ଦାନ୍ତ ରୋଗ ବିଭାଗର ଅଜିତ ସାମଲ, ମଧୁବନ ଗୋଷ୍ଠୀ କେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁ ପ୍ରମୁଖ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମିପ୍ରକାଶ ମହାପାତ୍ର, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ କାହ୍ନୁ ନାୟକ, ସମାଜ ମଙ୍ଗଳ ଅଧିକାରୀ ଚେତନା ସେଠୀ, ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ଶିଶୁସୁରକ୍ଷା ଅଧିକାରୀ ନିରଞ୍ଜନ କର, ତହସିଲଦାର ସରୋଜ କୁମାର ପଣ୍ଡା, ବିଡିଓ ହେମନ୍ତ କୁମାର ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଧର୍ମଶାଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଜଙ୍ଗଲ ବିଭାଗ ଅଧିକାରୀ ପ୍ରମୁଖ ଜିଲାପଳଙ୍କ ସହ ସାମିଲ ହୋଇଥିଲେ।



ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

## ପ୍ରଚାରରେ ବାହାରିଲେ ବିଜେଡି କର୍ମୀ

# କୁଆଖିଆରୁ ପାଟକୁରା ବାଇକ୍ ଶୋଭାଯାତ୍ରା



ବିଜେଡି କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଯାଉଛନ୍ତି ।

ରସୁଲପୁର,୧୭।୭(ଡିଏନଏ)

ଯାଜପୁରର ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ପାଟକୁରା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରଚାର ପାଇଁ ବିଜେଡି କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇଛନ୍ତି। କୋରେଇ ନିର୍ବାଚନମଣ୍ଡଳୀର ଛାମୁଆ କର୍ମୀମାନେ ବୁଧବାର ପୂର୍ବାହ୍ନରେ ରସୁଲପୁର ବ୍ଲକର କୁଆଖିଆ ବଜାରରୁ ପାଟକୁରା ଅଭିମୁଖେ ବାହାରିଥିଲେ। ପୂର୍ବତନ ସରପଞ୍ଚ ଶ୍ରୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ବାଇକ୍ ଶୋଭାଯାତ୍ରା ବାହାରି ପାଟକୁରାକୁ ଯାଇଛି । ଶୋଭାଯାତ୍ରୀ ଦଳ ପକ୍ଷରୁ ମା' ତାରିଣୀଙ୍କ ପୀଠରେ ପୂଜାର୍ଚ୍ଚନା କରି ପ୍ରଚାର କରିବାକୁ ବାହାରିଥିଲେ । ଅସନ୍ତା ୨୦ରେ ଭୋଟ ଗ୍ରହଣ ହେବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତରୁ ପଞ୍ଚାୟତ ବୁଲି ପ୍ରଚାର କରିଥିଲେ। ଏହି ନିର୍ବାଚନ ମଣ୍ଡଳୀରୁ ଯାଇଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗୁରୁବାର ପ୍ରଚାରର ଶେଷ ଦିବସ ହୋଇଥିବାରୁ କର୍ମୀମାନେ ବୁଧବାର ନିର୍ବାଚନମଣ୍ଡଳୀରେ ରାତ୍ରୀଯାପନ କରିବେ। ପ୍ରଚାର ଶେଷ ହେବାପରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି। କର୍ମୀଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସାମିଲ ଅଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଷ୍ଠା ଦିବସ, ଗୁରୁ ପୂର୍ଣ୍ଣିମା ପାଳିତ

କୋରେଇ,୧୭।୭(ସ୍ୱ.ପ୍ର)

ମୂଳାପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ଓ ଗୁରୁପୂର୍ଣ୍ଣିମା ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ୧୯୯୯ ମସିହା ପବିତ୍ର ଗୁରୁପୂର୍ଣ୍ଣିମାରେ ମୂଳାପାଳ ଲିଙ୍ଗେଶ୍ୱର ବିହାରରେ ଏହି ଶିଶୁ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପ୍ରଥମେ ବନ୍ଦନା ଓ ପରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଗୁରୁପୂର୍ଣ୍ଣିମା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ବିଂଶତମ ପ୍ରତିଷ୍ଠା ଦିବସ ଅବସରରେ ୧୧ଥର ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା।

# ବିଷପିଇ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା ଅଭିଯୋଗ

କଳିଙ୍ଗନଗର,୧୭।୭(ଡି.ଏନ୍.ଏ.)

କଳିଙ୍ଗନଗର ଥାନା ଅନ୍ତର୍ଗତ ପିଙ୍ଗଳ ପଞ୍ଚାୟତ ବଡ଼ ପିଙ୍ଗଳ ଗ୍ରାମରେ ବୁଧବାର ସକାଳେ ବୃଦ୍ଧ ଦମ୍ପତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେମାନେ ହେଲେ ଲକ୍ଷ୍ମୀଧର ଜେନା (୭୫) ଓ ସ୍ତ୍ରୀ ଫୁଲ ଜେନା (୭୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ପାରିବାରିକ କାରଣରୁ ବୃଦ୍ଧ ଦମ୍ପତି ଦ୍ୱୟ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ମଙ୍ଗଳବାର କୌଣସି ଏକ କାରଣକୁ ନେଇ ଲକ୍ଷ୍ମୀଧର ଓ ସ୍ତ୍ରୀ ଫୁଲ ବିଷ ପିଇ ଦେଇଥିଲେ। ସକାଳେ ଘଟଣା ସମ୍ପର୍କରେ ଜାଣିବା ପରେ ପୁଅ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ।

## ବ୍ୟାସସରୋବର ପୀଠରେ ରଥଚକ ଭାଙ୍ଗିବା ଘଟଣା

# ତଦନ୍ତ ପାଇଁ ଅଭିଯୋଗପତ୍ର ଗ୍ରହଣ ଶେଷ

ଯାଜପୁର ରୋଡ,୧୭।୭(ନି.ପ୍ର.)

ପୁରାଣ ପ୍ରସିଦ୍ଧ ବ୍ୟାସସରୋବର ପୀଠରେ ରଥଯାତ୍ରା ସମୟରେ ରଥ ଚକ ଭାଙ୍ଗି ଯାଇଥିଲା। ଏହି ଘଟଣାର ତଦନ୍ତ ପାଇଁ ବୁଧବାର ଏକ ଜନଶୁଣାଣି କରାଯିବା ସହିତ ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ରଥଚକ ଭାଙ୍ଗିବା ପାଇଁ କେଉଁମାନେ ଦାୟୀ ଓ ପୌର ପରିଷଦରୁ ରଥଯାତ୍ରା ପାଇଁ ଦିଆଯାଇଥିବା ୮୦ ହଜାର ଟଙ୍କା କିପରି ଖର୍ଚ୍ଚ କରାଗଲା ସେ ନେଇ ଜନସାଧାରଣ ପ୍ରଶ୍ନ କରିଥିଲେ। ଏହା ସହିତ ଜଗନ୍ନାଥ ଟ୍ରଷ୍ଟର ୨ଜଣ ବ୍ୟକ୍ତି ଜଗନ୍ନାଥଙ୍କ ନାମରେ ଚାନ୍ଦା ଆଦାୟ କରୁଥିବା ଓ ରଥଯାତ୍ରା ପୂର୍ବରୁ ରଥ ମରାମତି କରାଯାଇ ନ ଥିବା ନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାର ତଦନ୍ତ ପାଇଁ ରବୀନ୍ଦ୍ର କୁମାର ନାୟକ, ରାଜେନ୍ଦ୍ର କୁମାର ନାୟକ, ତପନ କୁମାର ଦାସ, ସନ୍ତୋଷ କୁମାର ରଥ, ବିରଜା ପ୍ରସାଦ ଦାସ, ଦୀପକ କୁମାର ଦାସ, ଶଶଧର ନାୟକ ପ୍ରମୁଖ ଅଭିଯୋଗପତ୍ରରେ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି। ଜଗନ୍ନାଥ ଟ୍ରଷ୍ଟକୁ ଭାଙ୍ଗି ନୂତନ ଟ୍ରଷ୍ଟ ଗଠନ ପାଇଁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନ୍‌ଜୀବୀ ମନିନ୍ଦ୍ର କୁମାର ଧଳ ରଥଚକ ଭାଙ୍ଗିବା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ୩ଦଫା ଅଭିଯୋଗ ଆଣିଛନ୍ତି। ଏହି ତଦନ୍ତ ପ୍ରକ୍ରିୟା ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା କରା ନ ଯାଇ ଉଚ୍ଚ ପ୍ରଶାସକଙ୍କ ଦ୍ୱାରା କରାଯାଉ । ଏହି ଜନଶୁଣାଣି ଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରପରିଷଦ ନିର୍ବାହୀ ଅଧିକାରୀ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ତଦନ୍ତ ଗୁରୁବାରଠାରୁ ଆରମ୍ଭ ହୋଇ ୭ଦିନ ମଧ୍ୟରେ ଶେଷ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରଥଚକ ଭାଙ୍ଗିବା ଘଟଣାର ତଦନ୍ତ କରିବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ପୋରପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପନିପରିବା ଦର ଆକାଶଛୁଆଁ

ଧର୍ମଶାଳା,୧୭।୭(ଡି.ଏନ୍.ଏ.)

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ଧର୍ମଶାଳା ବ୍ଲକ ଅଞ୍ଚଳ ସମେତ ରାଜ୍ୟର ସମସ୍ତ ଉପକୂଳ ଅଞ୍ଚଳରେ ପନିପରିବା ଫସଲ ନଷ୍ଟ ହୋଇଥିଲା। ଏହାପରେ ବି ଚାଷୀ ପୁଣିନିଜ କ୍ଷେତକୁ ପ୍ରସ୍ତୁତ କରି ପରିବା ଚାଷ କରିଥିବା ବେଳେ ରୋଗ ପୋକ ଦାଉରୁ ଫସଲ ଅମଳ ହୋଇପାରୁ ନାହିଁ। ଫଳରେ ଏବେ ପନିପରିବା ଦର ଆକାଶଛୁଆଁ ହୋଇଛି। ବଜାରରେ ଯାହାବି କିଛି ଆବଶ୍ୟକ ପରିବା ବିକ୍ରି ହେଉଛି ତାହା ବାହାରୁ ଆମଦାନୀ ହୋଇ ଆସୁଛି। ତେଣୁ ଉଚ୍ଚା ଦରରେ ବ୍ୟବସାୟୀ ପନିପରିବା ବିକ୍ରି କରିବାକୁ ବାଧ୍ୟ ହେଉଥିବା କହିଛନ୍ତି। ବ୍ଲକର ଜାରକ ବଜାର, ଧର୍ମଶାଳା ହାଟ, ନାକପୋଲ ହାଟ ଓ କାଏମା ଆଦି ହାଟ ବଜାରମାନଙ୍କରେ ବାଇଗଣ କିଲୋ ପ୍ରତି ୪୦ଟଙ୍କା, ଟମାଟର ୫୦ଟଙ୍କା, ଜହ୍ନି ୩୦ଟଙ୍କା, ପୋଟଳ ୪୦ ଟଙ୍କାରେ ବିକ୍ରି ହେଉଛି। ଖାଉଟି ଏବେ ବଜାରରୁ ୫ ଶହ ଟଙ୍କାର ପରିବା କିଣିଲେ ବି ବ୍ୟାଗ ଭର୍ତ୍ତି ହେଉ ନାହିଁ। ଏହାକୁ ନେଇ ଖାଉଟି ଏବେ ଚିନ୍ତାରେ ପଡିଛନ୍ତି।

## ଅବଧି ପରେ ବି ସରୁନି ସ୍ଲୁଇସ୍ ଗେଟ ନିର୍ମାଣ

# ଚାଷ ଜମିକୁ ପାଣି ନ ଯିବା ଚିନ୍ତାରେ ଚାଷୀ

ଚଣ୍ଡିଖୋଲ, ୧୭।୭(ଡି.ଏନ୍.ଏ.)



ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା-ଗୋବିଣ୍ଡିଆ ପାଟନାଳୀ ଖନନ ଓ ସୁଇଜ ଗେଟ ନିର୍ମାଣର ଅବଧି ସରିଥିଲେ ମଧ୍ୟ ସ୍ଲୁଇସ୍ ଗେଟ୍ ନିର୍ମାଣ ଶେଷ ହୋଇପାରି ନାହିଁ। ଫଳରେ ଚାଷ ଜମିକୁ ଜଳ ଯାଇପାରୁ ନ ଥିବାରୁ ୮ଟି ଗ୍ରାମର ଲୋକ ଚାଷ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯଦି ଏହି ସୁଇଜ ଗେଟ ନିର୍ମାଣ ଦୁଇମାସ ମଧ୍ୟରେ ଶେଷ ନ ହୁଏ, ତେବେ ଆନ୍ଦୋଳନ କରାଯିବ ବୋଲି ବରଦା ପଞ୍ଚାୟତର ସମିତି ସଭ୍ୟା ତପସ୍ୱିନୀ ବାରିକ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଚଣ୍ଡିଖୋଲ ଡ୍ରେନେଜ ଡିଭିଜନ ଅଧିନରେ ବରଦା-ଗୋବିଣ୍ଡିଆ ପାଟନାଳୀ ରହିଛି। ଏହି ପାଟନାଳୀ ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ପୂର୍ବରୁ ଏଠାରେ ଥିବା ସ୍ଲୁଇସ୍ ଗେଟ ଭାଙ୍ଗି ଯିବାରୁ ୨୦୧୭ ମେ ମାସରେ ସମ୍ପୃକ୍ତ ପାଟନାଳୀ ଉପରେ ଏକ ପାଦଚଲା ସେତୁ ସହ ଏକ ନୂଆ ସ୍ଲୁଇସ୍ ଗେଟ ଲଗାଇବା ପାଇଁ ବିଭାଗ ତରଫରୁ ଶୁଭ ଦିଆଯାଇଥିଲା। ଏହା ୨୦୧୮ ଏପ୍ରିଲ୍ ମାସ ସୁଦ୍ଧା ଶେଷ ହେବାର ନିୟମ ଥିଲାବେଳେ ସମ୍ପୃକ୍ତ ଠିକାଦାର ଏହାକୁ ଅଦ୍ୟାବଧି ଶେଷ କରିନାହାନ୍ତି। ଏହା ମଧ୍ୟରେ ଅବଧି ପୁରିବାର ୧ବର୍ଷ ବିତି ଯାଇଥିଲେ ବି ସ୍ଲୁଇସ୍ ଗେଟ ନିର୍ମାଣ ହୋଇପାରୁ ନାହିଁ। ଏହି ପାଟନାଳୀ ଉପରେ ବରଦା, ବିକ୍ରମତିରଣ, ବାଲିପଡ଼ିଆ, ମାତକତପୁର, ଗୋପାଳପୁର, ଗୋବିଣ୍ଡିଆ ଓ ଭରତପୁର ଗ୍ରାମର ଚାଷୀମାନେ ନିର୍ଭର କରିଥାନ୍ତି। ଏଠାରେ ଜଳ ସେଚନର ସୁବିଧା ନ ଥିବାରୁ ପାଟନାଳୀର ଜଳକୁ ବ୍ୟବହାର କରି ଚାଷୀମାନେ ଚାଷ କରିଥାନ୍ତି। ସ୍ଲୁଇସ୍ ଗେଟ କାର୍ଯ୍ୟ ତୁରନ୍ତ ଶେଷ ନ ହେଲେ ଏହି ପାଟନାଳୀର ପାଣି ସିଧା ଗୋବରୀ ନଦୀ ମଧ୍ୟକୁ ଚାଲିଯିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ସ୍ଲୁଇସ୍ ଗେଟ ନିର୍ମାଣ କାମ ଶେଷ କରବାକୁ ସେମାନେ ଦାବୀ କରିଛନ୍ତି। ଏ ସମ୍ପର୍କରେ ସମିତି ସଭ୍ୟା ଡ୍ରେନେଜ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଠିକାଦାରଙ୍କ ଖାମଖିଆଲି ମନୋଭାବକୁ ନେଇ ପତ୍ର ଲେଖିବା ସହ ଏହାର ନିର୍ମାଣ ତୁରନ୍ତ ଶେଷ ନ କରାଗଲେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରାଙ୍କୁ ପଚାରିବାରେ ସେ ସ୍ଲୁଇସ୍ ଗେଟ ନିର୍ମାଣ କାମ ବିଳମ୍ବ କଥାକୁ ସ୍ୱୀକାର କରିବା ସହ ତୁରନ୍ତ ଏହାର କାର୍ଯ୍ୟ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

**ଡେରାବିଶ,୧୭।୭(ସ୍ୱ.ପ୍ର.)**- ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ଗସ୍ତ କରିଥିଲେ। ତେବେ ଦୀର୍ଘଦିନ ଧରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଗୋଟିଏ ଦିନ ପୂର୍ବରୁ ତତ୍ପର ହୋଇଉଠିଥିବା ଦେଖାଯାଇଥିଲା।

### ମରାମତି ହେଲା ରାସ୍ତା

ଦୀର୍ଘବର୍ଷ ହେବ ପଞ୍ଚୁପାଣ୍ଡବ-ସଦାନନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା ହୋଇ ପଡ଼ିଥିବା ବେଳେ ଗ୍ରମବାସୀ ଏହାର ମରାମତି ପାଇଁ ଦାବି କରିଆସୁଥିଲେ। କିନ୍ତୁ ଏହାର ମରାମତି କରାଯାଉନଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଗୁ ଗୋଟିଏ ଦିନ ପୂର୍ବରୁ ରାତି ଅନିଦ୍ରା ହୋଇ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ରାସ୍ତା ଖାଲଖମା ସଜାଡ଼ିଥିବା ଦେଖିବାକୁ ମିଳିଥିଲା।

### ଜଳସମ୍ପଦ ବିଭାଗର ତତ୍ପରତା

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ କଟକ ଜଗତପୁରସ୍ଥିତଜଳ ସମ୍ପଦ ବିଭାଗ ଓ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀନରେ ଥିବା ସବୁ ଶାଖା କେନାଲରେ ପାଣି ଛଡ଼ାଯାଇଥିବା ଦେଖିବାକୁ ମିଳିଛି। ଚଳିତ ଖରିଫ ଚାଷ ପାଇଁ ପାଣିର ଛାଡ଼ିବା ନିମନ୍ତେ ସ୍ଥାନୀୟ ଚାଷୀମାନେ ଦାବି କରି ଆସୁଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନଥିଲେ। ବର୍ଷା ନ ଥିବାବେଳେ କେନାଲରେ ପାଣି ନଥିବାରୁ ବିଲରେ ଗଜା ମରୁଡ଼ି ହେବା ଆଶଙ୍କା ଦେଖାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଥିବାରୁ ତରବରିଆ ଭାବେ ବିଭାଗୀୟ କର୍ତ୍ତୃପକ୍ଷ କେନାଲରେ ପାଣି ଛାଡ଼ିଦେଇଥିବା ଦେଖାଯାଇଛି।

### ଟ୍ରେଲର-ଅଟୋ ଧକ୍କା, ୨ ମୃତ

**ଡେରାବିଶ,୧୭।୭(ସ୍ୱ.ପ୍ର.)**-କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରେଲର ସହ ଅଟୋ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅଟୋ ଡ୍ରାଇଭର ଭାଗବତପୁର ପଞ୍ଚାୟତ ଅଧୀନ ପଟକୁରା ଗ୍ରାମର କୈଳାସ ଚନ୍ଦ୍ର ସାହୁ (୩୦) ଓ ବାଲେଶ୍ୱର ଜିଲା ହଳଦୀପଦା ଗ୍ରାମର ଆଲୋକ ନାୟକ (୪୫)। ଆଲୋକ କଟକ-ଚାନ୍ଦବାଲି ରାଜରାସ୍ତାର ଜଂଟିଲୋ ନିକଟସ୍ଥ ବାଙ୍କବନ୍ଧ ଛକରେ ଏକ କବାଡ଼ିଆ ଦୋକାନ କରିଥିଲେ। ସେ ଏକ ଅଟୋ (ନଂ. ଓଡି-୦୪-ଏଫ୍-୫୧୧୩)ରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲେ। ଅପରପଟୁ କଟକ ଅଭିମୁଖେ ଯାଉଥିବା ଏକ ୨୨ ଚକିଆ ଟ୍ରେଲର (ଆରଜେ-୦୨-ଜିବି-୬୦୦୫) ସହ ଅଟୋଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଅଟୋ ଡ୍ରାଇଭର କୈଳାସଙ୍କର ମୃତ୍ୟୁ ଘଟିଥିବା ବେଳେ ଅଟୋ ଭିତରେ ଚାପି ହୋଇ ଆଲୋକଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଚାନ୍ଦୋଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ରାଜକନିକା,୧୭।୭(ଡି.ଏନ୍.ଏ.)**- ରାଜକନିକା ବ୍ଲକ ଅଧୀନ ଅବଦୁଲପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ସାହୁ ଙ୍କ ସ୍ମୃତିଚାରଣ ସଭା ବୁଧବାର ତାଙ୍କ ନିଜ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ କେଶବ ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ହାଟସାହି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପରୀକ୍ଷିତ ପଢିଆରୀ, ନଛେନ୍ଦ୍ର ବଳ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ରାଉତ, ଖରସ୍ରୋତା ସାଂସ୍କୃତିକ ପରିଷଦ ସଭାପତି ଲକ୍ଷ୍ମୀଧର ରାଉତ, କଳାକାର ଚକ୍ରଧର ପାଣ୍ଡବ, ପୂର୍ବତନ ସରପଞ୍ଚ ସାରଙ୍ଗଧର ସାହୁ, ଭରତ ଚନ୍ଦ୍ର ସମାଜସେବା ଟ୍ରଷ୍ଟ ସଭାପତି ଶିବରାମ ଦାସ, ସମବାୟବିତ୍ ପୀତବାସ ନାୟକ, ଶିକ୍ଷକ ଗୋଲକ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶଶିକାନ୍ତ ଦାସ, ସସ୍ମିତା ସାହୁ ଓ ଖରସ୍ରୋତା ସାଂସ୍କୃତିକ ପରିଷଦର ପ୍ରାକ୍ତନ ସମ୍ପାଦକ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାକାର ଦୁର୍ଯ୍ୟୋଧନ ବେହେରା, ପୁରୁଷୋତ୍ତମ ବାରିକ, ଭାସ୍କର ଚନ୍ଦ୍ର ଦାସ, ନକୁଳ ଚରଣ ସାହୁ, କେଦାର ନାଥ ବଳ, ମେଘନାଦ ଦାସ, ମହେଶ୍ୱର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

■ ହାଇଟେକ୍ ବସ୍‌ରେ ବିଜେଡିର ହାଇଭୋଲ୍‌ଟେଜ ପ୍ରଚାର

# ପାଟକୁରା ବିକାଶ ମୁଁ ନିଜେ ଦେଖିବି: ନବୀନ

**ଡେରାବିଶ/ପାଟକୁରା (ସ୍ୱ.ପ୍ର./ଡି.ଏନ୍.ଏ.),୧୭।୭**


ହାଇଟେକ୍ ବସ୍‌ରେ ମୁଖ୍ୟମନ୍ତ୍ରୀ ପ୍ରଚାର କରୁଛନ୍ତି।


ରାସ୍ତା ପାର୍ଶ୍ୱରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରୁଛନ୍ତି।

ଆସନ୍ତା ୨୦ ତାରିଖ ଶନିବାର ପାଟକୁରା ବିଧାନସଭା ନିର୍ବାଚନ। ଗୁରୁବାର ସନ୍ଧ୍ୟା ସୁଦ୍ଧା ନିର୍ବାଚନ ପ୍ରଚାର ହେବାକୁ ଥିବା ବେଳେ ବୁଧବାର ପାଟକୁରା ନିର୍ବାଚନମଣ୍ଡଳୀରେ ପହଞ୍ଚିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହାଇଟେକ୍ ବସ୍‌ରେ ବିଭିନ୍ନ ପଞ୍ଚାୟତରେ ରୋଡ୍ ଶୋ କରି ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ସେ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ହାଇଭୋଲଟେଜ୍ ପ୍ରଚାରରେ ଦଳର ବହୁ ବରିଷ୍ଠ ଓ ତୁଙ୍ଗ ନେତା ସାମିଲ ହୋଇଥିବା ଦେଖାଯାଇଥିଲା। ପ୍ରଚାର ବେଳେ କେତେକ ସ୍ଥାନରେ ବସ୍ ଅଟକିବା ପରେ ମୁଖ୍ୟମନ୍ତ୍ରୀ ବସ୍ ଉପରକୁ ଉଠି ହାତ ହଲାଇବା ସହ ଜୟ ଜଗନ୍ନାଥ କହି ଭାଷଣ ଆରମ୍ଭ କରିଥିଲେ। ସେ ତାଙ୍କ ସଂକ୍ଷିପ୍ତ ଭାଷଣରେ କହିଥିଲେ, ପାଟକୁରା ଅଞ୍ଚଳର ସାମୂହିକ ବିକାଶ ଦାୟିତ୍ୱ ଏବେ ମୁଁ ନିଜେ ଦେଖିବି। ତେଣୁ ବିକାଶ ତ୍ୱରାନ୍ୱିତ କରିବା ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ମୁଖ୍ୟମନ୍ତ୍ରୀ ଭୋଟରଙ୍କୁ ନିବେଦନ କରିଥିଲେ।

ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ମୁଖ୍ୟମନ୍ତ୍ରୀ ଡେରାବିଶ ବ୍ଲକର ବାରିମୂଳ ପଡ଼ିଆଠାରେ ହେଲିକପ୍ଟରରୁ ଓହ୍ଲାଇବା ପରେ ସେଠାରେ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଓ ବହୁ ତୁଙ୍ଗ ନେତା ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେଠାରୁ ମୁଖ୍ୟମନ୍ତ୍ରୀ ହାଇଟେକ୍ ବସ୍‌ରେ ବସି ପ୍ରଥମେ ବାରିମୂଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ପ୍ରଚାର କରିଥିଲେ। ଏହାପରେ ସେ ନହଙ୍ଗ, କୁଶିଆପାଳ, ଛୋଟି, ରଘୁଦେଇପୁର, ମଙ୍ଗଳପୁର, ବେଣୀପୁର, ଏଣ୍ଡର, ଲକ୍ଷ୍ମୀନାରାୟଣପୁର, ବାଲିଆ, ଗୋଲରାହାଟ, ପଲେଇ, ଚାନ୍ଦୋଳ, ଖମୋଳ ଓ ରତାଦିଆ-ଖଣ୍ଡସାହି ଆଦି ପଞ୍ଚାୟତରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପରେ ଜଣ୍ଟିଲୋସ୍ଥିତ ଡାକବଙ୍ଗଳାରେ ମାଧ୍ୟାହ୍ନ ଭୋଜନ କରିବା ସହ ବିଶ୍ରାମ ନେଇଥିଲେ। ଅପରାହ୍ନରେ ପୁଣି ଡେରାବିଶ ବ୍ଲକର ଦାନପୁର, ହରିଅଙ୍କ ଓ ଇନ୍ଦାଳ ପଞ୍ଚାୟତରେ ସେ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟା ବେଳେ ମୁଖ୍ୟମନ୍ତ୍ରୀ ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ନୂଆପଡ଼ା ବଜାରଠାରେ ପହଞ୍ଚି ଉପସ୍ଥିତ ଶତାଧିକ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଏହାପରେ ବ୍ଲକ ଅଧୀନ ବେଡାରୀ, ପାଟକୁରା ହାଟ, ଗରଦପୁର ଛକ, କୋରୁଆ, ତିକନପୁର, ନଡ଼ିଆବରେଇ, ମାହାଳ ଆଦି ପଞ୍ଚାୟତରେ ପ୍ରଚାର କରିଥିଲେ। ତେବେ ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ସମର୍ଥକମାନେ ମୁରୁଜ ପକାଇବା ସହ ଶଙ୍ଖ ବଜାଉଥିବା ଦେଖାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମାର୍ଶାଘାଇ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପ୍ରଚାର ସାରି ଭୁବନେଶ୍ୱର ଫେରିଯାଇଥିବା ଜଣାପଡ଼ିଛି।

ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପ୍ରାର୍ଥୀ ଅଗ୍ରୱାଲଙ୍କ ସମେତ କୃଷିମନ୍ତ୍ରୀ ଅରୁଣ ସାହୁ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ଦେବୀ ମିଶ୍ର, ପ୍ରଣବ ପ୍ରକାଶ ଦାସ ଓ ଅମର ଶତପଥୀ, ପ୍ରତାପ କେଶରୀ ଦେବ, ଧ୍ରୁବ ସାହୁ, ଶଶିଭୂଷଣ ବେହେରା, ପ୍ରଣବ ବଳବନ୍ତରାୟ, ସଞ୍ଜୀବ ମଲିକ, ଲତିକା ପ୍ରଧାନ, ରାଜକିଶୋର ଦାସଙ୍କ ସମେତ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ଅନୁଭବ ପଟ୍ଟନାୟକ ଓ ଆକାଶ ଦାସ ନାୟକ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାରରେ ସାମିଲ ହୋଇଥିବା ଦେଖାଯାଇଥିଲା। ସେହିପରି ଦଳୀୟ ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂ, ଭଦ୍ରକ ଜିଲା ବିଜେଡି ସଭାପତି ରାଜକିଶୋର ସ୍ୱାଇଁ, କେନ୍ଦ୍ରାପଡା ଜିଲା ସଭାପତି କିଶୋର ତରାଇ, ବରିଷ୍ଠ ନେତା ସଞ୍ଜୟ ଅଗ୍ରୱାଲ ଓ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ପ୍ରଚାର ଅଭିଯାନରେ ସାମିଲ ଥିବା ଦେଖିବାକୁ ମିଳିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏସ୍‌ପି ନୀତିଶେଖରଙ୍କ ତତ୍ତ୍ୱାବଧାନରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ସମେତ ଜିଲାର ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ଦିବ୍ୟାଙ୍ଗଙ୍କୁ କୁମ୍ଭୀର ଟାଣିନେବା ଘଟଣା

# ବାସୁଳେଇ ମନ୍ଦିର ନିକଟରୁ ମିଳିଲା ମୃତଦେହ

**ଆଳି, ୧୭।୭ (ଡି.ଏନ୍.ଏ.)**

ବ୍ରାହ୍ମଣୀ ନଦୀରେ ଶୌଚ ହେବା ହେବା କୁମ୍ଭୀର ଟାଣି ଦେଇଥିବା ଦିବ୍ୟାଙ୍ଗ ଆଳି ଥାନା ବଡାମ୍ବିଳା ପଞ୍ଚାୟତ ଅଧୀନ ସାହୁପଡ଼ା ଗ୍ରାମର ଦିବ୍ୟାଙ୍ଗ ଯୁବକ ସୁବାସ ବରାଳ(୪୫)ଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ବୁଧବାର ସକାଳୁ ଗ୍ରାମବାସୀ ଏକ ବୋଟ ଭଡ଼ାରେ ଆଣି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ନିକଟସ୍ଥ ବେଲପାଳ ବାସୁଳେଇ ମନ୍ଦିର ନିକଟରେ ସୁବାସଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ସୁବାସଙ୍କ ମୃତଦେହ ଆଳି ମେଡିକଲରେ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଶବ ସତ୍କାର କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ସୁବାସ ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ କୁମ୍ଭୀର ଟାଣି ନେଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ସୁବାସଙ୍କର ପତ୍ତା ନ ମିଳିବାରୁ ବୁଧବାର ସକାଳୁ ପୁଣି ଖୋଜିବା ବୋଲି ବନ ବିଭାଗ କର୍ମଚାରୀମାନେ କହିଥିଲେ। ହେଲେ ବୁଧବାର ସକାଳୁ ବନ ବିଭାଗ କର୍ମଚାରୀ ନ ଆସିବାରୁ ଗ୍ରାମବାସୀ ବୋଟ ଭଡ଼ାରେ ଆଣି ଖୋଜାଖୋଜି କରିଥିଲେ।

# ଡେରାବିଶରେ କଂଗ୍ରେସ ହେଭିୱେଟ୍‌ଙ୍କ ପ୍ରଚାର

**ଡେରାବିଶ,୧୭।୭(ସ୍ୱ.ପ୍ର.)**


ପ୍ରଚାରରେ କଂଗ୍ରେସ ନେତା ଓ କର୍ମୀମାନେ।

ପାଟକୁରା ବିଧାନସଭା ନିର୍ବାଚନ ପାଇଁ ଆଉ ଗୋଟିଏ ଦିନ ପ୍ରଚାର ବାକିଥିବା ବେଳେ ମଙ୍ଗଳବାର ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଞ୍ଚଳରେ କଂଗ୍ରେସର ବହୁ ହେଭିୱେଟ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଓ ଏଆଇସିସି ସେକ୍ରେଟାରୀ ରୁଦ୍ର ରାଜୁ ପ୍ରମୁଖ ବ୍ଲକ ଅଧୀନ ବେଣୀପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ପ୍ରଚାରରେ ଦଳର ବରିଷ୍ଠ ନେତା ଜ୍ଞାନ ବେହୁରା, ଦଳୀୟ ପ୍ରାର୍ଥୀ ଜୟନ୍ତଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

ସେହିପରି ନବରଙ୍ଗପୁରର ପୂର୍ବତନ ବିଧାୟକ ଭୁଜବଳ ମାଝି ଓ ବରିଷ୍ଠ ନେତା ବିରେନ ସେନାପତି କାଉପଡା ପଞ୍ଚାୟତକୁ ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଏଥିରେ ପଞ୍ଚାୟତସ୍ତରୀୟ ବହୁ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

### ଆଳି ହାଇସ୍କୁଲ ପ୍ରତିଷ୍ଠା ଦିବସ

**ଆଳି,୧୭।୭(ଡି.ଏନ୍.ଏ.)**

ଆଳି ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ବୁଧବାର ଦିନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କେଶବ ଚରଣ ବେହେରା, ଛାତ୍ର ସଂସଦ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବି ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ଶରତ ରାୟ, ଆଡଭୋକେଟ ଶରତ ନାୟକ, ଭକ୍ତବନ୍ଧୁ ମିଶ୍ର, ଗୋବିନ୍ଦ ନନ୍ଦ, ବିରେନ୍ଦ୍ର ପଣ୍ଡା ଓ ପ୍ରମୋଦ ମଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଖବରଦାତାଙ୍କ ଉପରେ ହାତ ଉଠାଇ ଅଡୁଆରେ ଏସ୍‌ପି

**କେନ୍ଦ୍ରାପଡା ଅଫିସ,୧୭।୭**

ପାଟକୁରା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡା ଜିଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଖବର ସଂଗ୍ରହ ପାଇଁ ପୂର୍ବାହ୍ନ ୧୦ଟା ସମୟରେ ବାରିମୂଳ ହେଲିପାଡ଼ରେ ଖବରଦାତାଙ୍କ ଭିଡ ଲାଗିଥିଲା। ଜଣେକ ଖବରଦାତା କ୍ୟାମେରାରେ ଫଟୋ ଉଠାଉଥିବା ସମୟରେ ଏସ୍‌ପି ନୀତିଶେଖର ବାରଣ କରିବା ସହିତ ତାଙ୍କୁ ମାଡ଼ ମାରିବା ପାଇଁ ହାତ ଉଠାଇଥିଲେ। ଏହି ସମୟରେ କେତେଜଣ ବିଧାୟକ ଉପସ୍ଥିତ ଥିଲେ।


ଖବରଦାତାଙ୍କୁ ଏସ୍‌ପି ମାରିବାକୁ ହାତ ଉଠାଇଛନ୍ତି।

ଉକ୍ତ ଘଟଣାକୁ ଜିଲାର ଦୁଇ ଖବରଦାତା ସଂଘ ନିନ୍ଦା କରିବା ସହିତ ତୁରନ୍ତ ଏସ୍‌ପିଙ୍କ ବଦଳି ଦାବି କରିଛନ୍ତି। ଏ ନେଇ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ହୋଇଛି।

■ ପାଟକୁରା ନିର୍ବାଚନମଣ୍ଡଳୀ

# ୨୮୫୩ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**କେନ୍ଦ୍ରାପଡ଼ା ଅଫିସ୍, ୧୭।୭**

ପାଟକୁରା ନିର୍ବାଚନମଣ୍ଡଳୀରେ ମୋଟ ୨୮୫୩ ଭିନ୍ନକ୍ଷମ ଭୋଟର ଅଛନ୍ତି। ସେମାନଙ୍କ ସକାଶେ ପ୍ରତି ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୦ ତାରିଖରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରାୟ ୮୦ ପ୍ରତିଶତ ମତଦାନ ହେବ ବୋଲି ସେ ଆକଳନ କରିଛନ୍ତି। ଏଠାରେ ଭୋଟରଙ୍କ ସଂଖ୍ୟା ମୋଟ ୨,୪୪,୭୪୭। ଏଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୧,୧୭,୩୦୬ ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୨୭,୪୩୧। ଏହାକୁ ୩୦ଟି ସେକ୍ଟରରେ ବିଭକ୍ତ କରାଯାଇ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ୨୮ଟି କ୍ରିଟିକାଲ ବୁଥ୍‌ରେ ୱେ କାଷ୍ଟିଂ ହେବା ସହିତ ୬ଟି ବୁଥ୍‌ରେ ସିସିଟିଭି, ୧୩ଟିରେ ମାଇକ୍ରୋ ଅବଜରଭର ଓ ୮ଟି ବୁଥରେ ଭିଡିଓଗ୍ରାଫି ହେବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ଇଭିଏମ୍ ଓ ଭିଭିପିଏଟିର ର୍ୟାଣ୍ଡମାଇଜେଶନ ସରିଛି। କର୍ମଚାରୀମାନେ ଗୁରୁବାର ପୋଲିଂ ବୁଥ୍‌କୁ ଯିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ପୂର୍ବଥର ପରି ଆଇନଶୃଙ୍ଖଳା, ଭିନ୍ନକ୍ଷମ ଭୋଟରଙ୍କ ସୁବିଧା, ମତଦାନ କେନ୍ଦ୍ରର ଆନୁଷଙ୍ଗିକ ଭିତ୍ତିଭୂମି ପ୍ରତି ଦୃଷ୍ଟି ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

# ବିଜେଡି ବିରୋଧରେ ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

## ପାଟକୁରା ନିର୍ବାଚନ

ବିଜେଡି ବିଧାୟକ ଏବଂ ପାଟକୁରାର ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲା ଆଦର୍ଶ ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଥିବା ଭାଜପା ଅଭିଯୋଗ କରିଛି। ନିର୍ବାଚନ ଅଧିକାରୀମାନେ ଆଖିବୁଜି ଶାସକ ଦଳର ବେଆଇନ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଥିବା ନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପା ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛି ଯେ, ପାଟକୁରାରେ ବହୁ ସଂଖ୍ୟାର ପୋଲିସ କର୍ମଚାରୀ ସାଦା ପୋଷାକ ପିନ୍ଧି ବିଜେଡି ପାଇଁ ପ୍ରଚାର କରିବା ସହ ସବୁ ପଞ୍ଚାୟତ ଓ ବୁଥ୍‌ରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି। ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀମାନେ ଭୋଟରଙ୍କୁ ଟଙ୍କା ବଣ୍ଟାରେ ଶାସକ ଦଳକୁ ସାହାଯ୍ୟ କରୁଛନ୍ତି। ଶାସକ ଦଳର ମନ୍ତ୍ରୀ ଏବଂ ବିଧାୟକମାନେ ପାଟକୁରା ନିର୍ବାଚନମଣ୍ଡଳୀରେ ରହି ବେଆଇନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଛନ୍ତି। ମତଦାତାଙ୍କୁ କିଣିବାକୁ ପ୍ରାଣପଣେ ଚେଷ୍ଟା ମଧ୍ୟ ଚଳାଇଛନ୍ତି। ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରତ୍ୟେକ ମାସ ୭ରୁ ୧୫ ତାରିଖରେ ମିଳିବା କଥା । କିନ୍ତୁ ପାଟକୁରାରେ ସ୍ଥାନୀୟ ପ୍ରଶାସନ ଏହାକୁ ୧୫ରେ ଦେବା ବଦଳରେ ନିର୍ବାଚନୀ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ଦେବାର ଚକ୍ରାନ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ୧୭ରେ ଥିବାରୁ ସେହିଦିନ ଲୋକଙ୍କୁ ଡାକି ଭତ୍ତା ଦେବା ସହ ରାଲି ବେଳେ ଠିଆହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ପାଟକୁରାରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବିଡିଓ, ସିଡିପିଓ ଏବଂ ତହସିଲଦାର ଖୋଲାଖୋଲି ଭାବେ ବିଜେଡିର ନିର୍ବାଚନୀ ସଭା ଆୟୋଜନ କରି ଶାସକ ଦଳ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପ୍ରଚାର କରିବା ସହ ଏଥିରେ ସରକାରୀ ଗାଡ଼ିକୁ ବ୍ୟବହାର କରୁଛନ୍ତି। ନିର୍ବାଚନୀ ବ୍ୟବସ୍ଥାରେ ଥିବା ଅଧିକାରୀମାନେ ଭାଜପା ସଭା ଏବଂ ରୋଡ୍ ଶୋ'ରେ ବାଧା ସୃଷ୍ଟି କରୁଛନ୍ତି । ବିଜେଡି ପ୍ରାର୍ଥୀ ଟଙ୍କା ବାଣ୍ଟୁଥିବାବେଳର ଭିଡିଓ ଭାଇରାଲ ହେଲାପରେ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଶାସକ ଦଳ ବୁଥ୍ ରିଗିଂ ଏବଂ କାପ୍ଚରିଂ କରିବାକୁ ଚକ୍ରାନ୍ତ କରିଥିବା ଭାଜପା ଅଭିଯୋଗ କରିଛି ।

### ଆଳିରେ ବନ୍ଦ ପାଳନ

**ଆଳି,୧୭।୭(ଡି.ଏନ୍.ଏ.)**

ଧର୍ମରକ୍ଷା ସେନାର ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ଥିବାରୁ ବୁଧବାର କେନ୍ଦ୍ରାପଡ଼ା ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଳି ଅଟୋମୋବାଇଲ ଆସୋସିଏଶନ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଧର୍ମରକ୍ଷା ସେନା ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ଭୂଇଁପୁର ଛକ ନିକଟରେ ସକାଳ ୬ ଟାଠାରୁ ରାସ୍ତାରୋକୋ କରାଯାଇଥିଲା। ଅଟୋମୋବାଇଲ ଆସୋସିଏଶନ ସଭାପତି ସୌଭାଗ୍ୟ ଦାସ, ବିଶ୍ୱହିନ୍ଦୁ ପରିଷଦ ସଂଯୋଜକ ସଞ୍ଜୟ ବେହେରା, ବଜରଙ୍ଗ ଦଳ ସଂଯୋଜକ ପ୍ରଦୀପ ବେହେରା, ଧର୍ମରକ୍ଷା ସେନା ସଂଯୋଜକ ପ୍ରଶାନ୍ତ ବେହେରାଙ୍କ ସମେତ ବିଭୁପ୍ରସାଦ ମହାନ୍ତି, ଆଲୋକ ପଣ୍ଡା, ଶଙ୍କର୍ଷଣ ମଲିକ, କାହ୍ନୁ ମହାନ୍ତି, ମୁରଲୀ ବିଷ୍ଣୁ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

# ବାରିମୂଳରେ ଦାମଙ୍କ ରୋଡ୍ ଶୋ

**ଡେରାବିଶ, ୧୭।୭ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ବାରିମୂଳ ପଞ୍ଚାୟତରେ ବରିଷ୍ଠନେତା ଡା. ଦାମୋଦର ରାଉତ ବିଶାଳ ରୋଡ ଶୋ ଓ ପଥପ୍ରାନ୍ତ ସଭା କରି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପଟିଏ ପାଇଁ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇନାହାନ୍ତି। ଗୃହ ମନ୍ତ୍ରଣାଳୟ ନିଜ ହାତରେ ଥାଇ ମଧ୍ୟ କେନ୍ଦ୍ରାପଡାର ଆଇନ୍‌ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଆଖି ବୁଜି ଦେଇଛନ୍ତି। ଏବେ ଏହି ସରକାର ବଦଳାଇବାର ସମୟ ଆସିଛି। ତେଣୁ ଏଥର ସ୍ୱାଭିମାନୀ ପାଟକୁରା ମାଟିର ସୁଯୋଗ୍ୟ ସନ୍ତାନ ବିଜୟ ମହାପାତ୍ରଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ଜିତାଇବାକୁ ଦାମ ସ୍ଥାନୀୟ ଭୋଟରଙ୍କୁ ନିବେଦନ କରିଥିଲେ। ଦାମଙ୍କ ରୋଡ୍ ଶୋରେ ବରିଷ୍ଠ ନେତା ସୁନାକର ବେହେରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ଦାମ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।


ରୋଡ ଶୋରେ ବରିଷ୍ଠ ନେତା ଦାମୋଦର ରାଉତ ଓ ଅନ୍ୟମାନେ।

■ ବାବୁଲିଙ୍କୁ ଗୁଳିମାଡ଼ ଘଟଣା

# କେନ୍ଦ୍ରାପଡ଼ା ଜିଲା ୮ ଘଣ୍ଟା ବନ୍ଦ

**କେନ୍ଦ୍ରାପଡା ଅଫିସ, ୧୭।୭**

ଧର୍ମରକ୍ଷା ସେନାର ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ ଘଟଣାରେ ବୁଧବାର କେନ୍ଦ୍ରାପଡ଼ା ଜିଲା ୮ ଘଣ୍ଟା ବନ୍ଦ ରହିଥିଲା। ଜିଲା ତିନିମୁହାଣି ବଜାର ସଂଘ, ବଣିକ ମହାସଂଘ, ତିନିମୁହାଣୀ ବଜାର ସଂଘ, ବଜରଙ୍ଗ ଦଳ, ଧର୍ମରକ୍ଷା ସେନା ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ଏଥିରେ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସହର ଓ ଗ୍ରାମାଞ୍ଚଳର ଦୋକାନ ବଜାର ବନ୍ଦ ରହିବା ସହ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଯୋଗୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ପ୍ରତିଶ୍ରୁତି ମିଳିବା ପରେ ବିଭିନ୍ନ ସଂଗଠନ ଜିଲା ବନ୍ଦରୁ ଓହରିଛନ୍ତି।


ତିନିମୁହାଁଣୀଠାରେ ରାସ୍ତାରୋକୋ କରାଯାଇଛି।

ଗତ ୧୩ ତାରିଖରେ ବାବୁଲିଙ୍କୁ ସଦର ଥାନା ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଦୁଇଜଣ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲେ। ହେଲେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ ନ କରିବାରୁ ବିଭିନ୍ନ ସଂଘ ସଦସ୍ୟମାନେ ଉତ୍ତେଜିତ ହୋଇ ଜିଲାବନ୍ଦ ଡାକରା ଦେଇଥିଲେ। ଫଳରେ ବୁଧବାର ସକାଳ ୬ଟାରୁ ତିନିମୁହାଣି ଛକ ମହିଳା ଓ ଯୁବକମାନେ ରାସ୍ତାରୋକୋ କରିଥିବା ବେଳେ ଅନ୍ୟ ବ୍ଲକରେ ମଧ୍ୟ ରାସ୍ତାରୋକୋ କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟାଳୟରେ ବନ ମହୋତ୍ସବ

ବାଲିକୁଦା,୧୭।୭(ସ୍ୱ.ପ୍ର.): ବାଲିକୁଦା ବ୍ଲକ ନହରଣା ପଞ୍ଚାୟତର ଉହ୍ଳମଣି ଗୋପବନ୍ଧୁ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିସହିତ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଦ୍ୱିତୀକୃଷ୍ଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରୁକ୍ମଣି ମଲିକ, ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ରାଉତ, କ୍ଷେତ୍ର ମୋହନ ମୁଦୁଲି, କବିତା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲି ରାଉତ, ବାପି ମହାନ୍ତି ଓ କମଳାକାନ୍ତ ରାଉତ ପ୍ରମୁଖ ଯୋଗଦେଇ ବୃକ୍ଷର ଆବଶ୍ୟକତା ଉପରେ ଆଲୋଚନା କରିବା ସହିତ ପ୍ରତ୍ୟେକ ପିଲା ନଜ ନିଜ ଜନ୍ମ ଦିନରେ ଉତ୍ସବ ପାଳିବା ସହ ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା।

### ଶ୍ରମିକନେତା ସୁଧାକର ମନ୍ତ୍ରୀ ଆହତ

କୁଜଙ୍ଗ,୧୭।୭(ସ୍ୱ.ପ୍ର.): କୁଜଙ୍ଗ-ପାରାଦୀପର ବରିଷ୍ଠ ଶ୍ରମିକନେତା ଇଂ. ସୁଧାକର ମନ୍ତ୍ରୀ(୭୫) ଗାଧୁଆ ଘରେ ପଡି ଆହତ ହୋଇଛନ୍ତି। ସେ କିଛିଦିନ ହେବ ଭୁବନେଶ୍ୱରରେ ରହୁଥିଲେ। ବୁଧବାର ପୂର୍ବାହ୍ନରେ ଶୌଚପାଇଁ ଯାଉଥିବା ବେଳେ ହଠାତ୍ ଗୋଡ ଖିସିଯିବାରୁ ତଳେ ପଡିଯାଇଥିଲେ। ତାଙ୍କୁ ସେଠାକାର ଏକ ଘରୋଇ ମେଡିକଲ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ମେରୁଦଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଛି। ମନ୍ତ୍ରୀ ଉତ୍କଳ ସାହିତ ସମାଜର ଜଗତ୍‌ସିଂହପୁର ଜିଲା ଆବାହକ ଥିବା ବେଳେ ପାରାଦୀପ ବନ୍ଦର ଟ୍ରଷ୍ଟି, ନୀଳାଚଳ ସାରସ୍ୱତ ସଂଘ ପୁରୀ ସଂଘର ପ୍ରମୁଖ ସଦସ୍ୟ ରୂପେ କାର୍ଯ୍ୟଭାର ତୁଲାଉଛନ୍ତି। ଆଧାତ୍ମିକ ସ୍ତମ୍ଭ ଲେଖା, ସାରସ୍ୱତ ସାଧାନ ପାଇଁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବହୁ ଶ୍ରମିକ ନେତା ଓ ଶ୍ରମିକ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଛବିନ୍ଦ୍ର ହେଲେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ

କୁଜଙ୍ଗ,୧୭।୭(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ଗଣ୍ଡିକିପୁର ହାଇସ୍କୁଲରେ ଦୀର୍ଘଦିନ ଖେଳ ଶିକ୍ଷକ ରୂପେ କାର୍ଯ୍ୟ କରିଥିବା ଶିକ୍ଷକ ଛବିନ୍ଦ୍ର ବେହେରାଙ୍କୁ ପଦୋନ୍ନତି ଦିଆଯାଇଛି। ତାଙ୍କୁ ଜଗତ୍‌ସିଂହପୁର ଜିଲାର ଶାରୀରିକ ଶିକ୍ଷା ପରିଦର୍ଶକ ରୂପେ ନିଯୁକ୍ତି ମିଳିଛି। ଏହି ଖବର ପ୍ରଚାରିତ ହେବାପରେ କୁଜଙ୍ଗ ଅଞ୍ଚଳରେ କ୍ରୀଡ଼ା ଶିକ୍ଷକ, ଅନୁଷ୍ଠାନଙ୍କ ମଧରେ ଖୁସି ପ୍ରକାଶ ପାଇଛି। ଜିଲାର ବହୁ କ୍ରୀଡା ଶିକ୍ଷକଙ୍କ ସହ କୁଜଙ୍ଗ ବ୍ଲକ ଶାରୀରିକ ଶିକ୍ଷକ ସଂଘ ସଭାପତି ପଦ୍ମ ଚରଣ ସେଠୀ, ସମ୍ପାଦକ ରଶ୍ମିକାନ୍ତ ଦାସ, ପ୍ରମୋଦ ସାମନ୍ତରାୟ, ମମତା ଦାସ, ରାଜେନ୍ଦ୍ର ନାରାୟଣ ଗୁରୁ ପ୍ରମୁଖ ବେହେରାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଉଜ୍ଜ୍ୱଳ ପ୍ରଶାସନିକ ଜୀବନ କାମନା କରିଛନ୍ତି।

## ■ କୁକୁର ବନ୍ଧ୍ୟାକରଣ ଯୋଜନା ପ୍ରହସନ

# କାମରେ ଲାଗୁନି ୧୮ ଲକ୍ଷର ଅନୁଦାନ

ଜଗତ୍‌ସିଂହପୁର ଅଫିସ, ୧୭।୭

**ଜଗତ୍‌ସିଂହପୁର ଜିଲା**

- ■ ୨୫ କୁକୁର ଧରାଳି ପରିମଳ କାମରେ ନିୟୋଜିତ
- ■ ୬ ମାସ ହେଲା ୬ ଲକ୍ଷ ଟଙ୍କାର ଗାଡି ଛିଡା ହୋଇଛି
- ■ ଅସ୍ତ୍ରୋପଚାର ଯନ୍ତ୍ରାଂଶ ତାଲିକା ଦେଉନି ପ୍ରାଣୀ ସମ୍ପଦ ବିଭାଗ

ଜଗତ୍‌ସିଂହପୁର ଜିଲାରେ ଏବେ ବୁଲା କୁକୁରଙ୍କ ଉତ୍ପାତ ଚିନ୍ତାର କାରଣ ହୋଇଛି। ରାତିଅଧ ହେଉ ଅବା ଦ୍ୱିପ୍ରହରରେ ଲୋକେ ରାସ୍ତାରେ ନିରାପଦରେ ଯିବାକୁ ଡରିଲେଣି। ଏ ପରିସ୍ଥିତିରେ ଜଗତ୍‌ସିଂହପୁର ସହରାଞ୍ଚଳରେ କୁକୁର ବନ୍ଧ୍ୟାକରଣ ଯୋଜନା ପ୍ରହସନରେ ପରିଣତ ହୋଇଛି। ବର୍ତ୍ତମାନ ଜଗତ୍‌ସିଂହପୁର ସହରରେ ବୁଲା କୁକୁର ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ଯାତାୟାତ ସମୟରେ ଏହି କୁକୁର ଅନେକ ସ୍ଥାନରେ ଆକ୍ରମଣ କରୁଛନ୍ତି। ଏନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଥିଲେ ସୁଦ୍ଧା ନାଚାର। କାରଣ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। କୁକୁର ବନ୍ଧ୍ୟାକରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏନେଇ କୁକୁର ଧରାଳି (ଡକ୍ କ୍ୟାଚର୍) ନିଯୁକ୍ତି ଦିଆଯାଇଛି। ଭିତ୍ତିଭୂମି, ଗାଡି ଓ ଅସ୍ତ୍ରୋପଚାର ଆଦି ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ବର୍ଷାଧିକ କାଳ ହେବ ପାଖାପାଖି ୧୮ ଲକ୍ଷ ଟଙ୍କା ସରକାରୀ ଅନୁଦାନ ସତ୍ତ୍ୱେ ଏହାର ସୁଫଳ ମିଳିପାରୁନାହିଁ। ଯୋଜନା କେବେ କାର୍ଯ୍ୟକ୍ଷମ ହେବ ତାହା ମଧ୍ୟ ସ୍ପଷ୍ଟ ହୋଇ ପାରୁନାହିଁ। କହିବାକୁ ଗଲେ ଯୋଜନା ବାଟବଣା ହୋଇଯାଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେବଳ ଜଗତ୍‌ସିଂହପୁର ନୁହେଁ, ପାରାଦୀପ ପୌର ପରିଷଦରେ ମଧ୍ୟ ଯୋଜନାର ବାସ୍ତବ ରୂପାୟନ ହୋଇପାରି ନ ଥିବା ଅଭିଯୋଗ ହେଉଛି।

ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ କୁକୁର ବନ୍ଧ୍ୟାକରଣ ଯୋଜନା କାର୍ଯ୍ୟକାରୀ ହେବା ପାଇଁ ୨୦୧୭ରୁ ତତ୍ପରତା ପ୍ରକାଶ ପାଇଥିଲା। ସେତେବେଳେ ଅର୍ଥାତ୍ ୨୦୧୭ ଅକ୍ଟୋବରରେ ୫ କୁକୁର ଧରାଳି ନିଯୁକ୍ତି ପାଇଥିଲେ। ସେମାନଙ୍କୁ ଅକ୍ଟୋବର ୧୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ୧ ମାସ ତାଲିମ ଦିଆଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ମୋଟ ଉପରେ ୭୯ଟି କୁକୁର ବନ୍ଧ୍ୟାକରଣ ସମ୍ଭବ ହୋଇଛି। ତାହା ପୁଣି ୨୦୧୭-୧୮ରେ ପିପୁଲ ଫର ଆନିମଲ ସହାୟତାରେ। ତା'ପରଠାରୁ ପାଖାପାଖି ୨ ବର୍ଷ ହେବ କୁକୁର ଧରାଳି ସେମାନଙ୍କ ମୂଳ ଦାୟିତ୍ୱରୁ ହଟି ପରିମଳ କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି କୁହାଯାଉଛି। ପୌର ପରିଷଦ ଯେତେବେଳେ ଏହି କୁକୁର ଧରାଳିଙ୍କୁ ନିଯୁକ୍ତି କଲା ସେତେବେଳଠାରୁ ସେମାନଙ୍କୁ କାମ ଦେବା କଥା ଚିନ୍ତା ନ କରିବା ବିସ୍ମୟ ସୃଷ୍ଟି କରିଛି। ଅନ୍ୟପକ୍ଷରେ ରାଜ୍ୟ ସରକାର କୁକୁର ବନ୍ଧ୍ୟାକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଏହି ରାଶିରେ ଜିଲା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ଏକ ବିଲ୍ଡିଂ ନିର୍ମାଣ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୮ ଲକ୍ଷ ଟଙ୍କା ଆସିଛି। ଏହି ଟଙ୍କା ମଧ୍ୟରୁ ପାଖାପାଖି ୬ ଲକ୍ଷରେ କୁକୁର ବୁହା ଗାଡି କିଣାଯାଇଛି। ବଳକା ୨ ଲକ୍ଷ ବିନିଯୋଗ ହୋଇପାରୁନାହିଁ। କାରଣ ଏହି ଟଙ୍କାରେ କୁକୁର ବନ୍ଧ୍ୟାକରଣ ପାଇଁ ଆବଶ୍ୟକ ଯନ୍ତ୍ରାଂଶ ସାଙ୍ଗକୁ କୁକୁର ବୁହା ଗାଡିର ଜାଲି ଆଦି ଲଗାଯିବ। ଯେହେତୁ ଏନେଇ କଣସବୁ ଯନ୍ତ୍ରାଂଶ କିଣାଯିବ ସେ ସମ୍ପର୍କରେ ପରିଷଦ ଜାଣିବା ସମ୍ଭବ ନୁହେଁ, ତେଣୁ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ସହାୟତା ନିଆଯାଇଥିଲା। ଏ ସମ୍ପର୍କରେ ୧୯।୨।୧୮ରେ ପରିଷଦ ଓ ଜିଲା ପ୍ରଣୀ ସମ୍ପଦ ବିଭାଗ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନା ଅନୁଯାୟୀ ୩୧।୧୨।୧୮ରେ ପରିଷଦ ପକ୍ଷରୁ ରାଜ୍ୟ ପ୍ରାଣୀଧନ ଚିକିତ୍ସା ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଅସ୍ତ୍ରୋପଚାର ମାଧ୍ୟମରେ ୧୦ଟି କୁକୁର ବନ୍ଧ୍ୟାକରଣ ପାଇଁ କଣସବୁ ଯନ୍ତ୍ରାଂଶ ଆବଶ୍ୟକ ତାର ତାଲିକା ପ୍ରଦାନ କରାଯାଉ। ଏହା ଜାଣିଲା ପରେ ପରିଷଦ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିପାରିବ। କେଉଁ ଯନ୍ତ୍ରାଂଶ କେତେ ହିସାବରେ ଦରକାର ଜାଣିପାରିବ। ପରେ ଆବଶ୍ୟକ ଯନ୍ତ୍ରାଂଶ ବାବଦ ଅର୍ଥରାଶି ପ୍ରାଣୀଧନ ଚିକିତ୍ସା ବିଭାଗକୁ ଯୋଗାଇ କିଣିପାରିବ। କିନ୍ତୁ ଏଥିମଧ୍ୟରେ ୬ ମାସ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ନିର୍ଦ୍ଦେଶକଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଯେଉଁ କାରଣରୁ ୨ ଲକ୍ଷ ଟଙ୍କା ଅନୁଦାନ ରାଶି ବିନିଯୋଗ ହୋଇପାରୁନାହିଁ। ତେଣୁ ପୁଣିଥରେ ପ୍ରାଣୀଧନ ଚିକିତ୍ସା ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ପ୍ରାଣୀଧନ ଚିକିତ୍ସା ବିଭାଗର ଅବହେଳାରୁ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ କି ଅନ୍ୟ କିଛି କାରଣ ଅଛି। ଉପରୋକ୍ତ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ, ସରକାର ଯେତେବେଳେ କୁକୁର ଧରାଳି ନିଯୁକ୍ତି କଥା ଚିନ୍ତାକଲେ ତା ପୂର୍ବରୁ ଯୋଜନା ସମ୍ପର୍କରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ବାସ୍ତବରେ ତାହା ମଧ୍ୟ ହେଲା। ବିଲ୍ଡିଂ ନିର୍ମାଣ, ଗାଡି ଓ ଅନ୍ୟାନ୍ୟ ବାବଦରେ ଯଥାଶୀଘ୍ର ଅନୁଦାନ ଯୋଗାଯାଇଥିଲା। କିନ୍ତୁ ବିଭାଗୀୟ ସମନ୍ୱୟ ଅଭାବରୁ ଏଯାଏ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଯୋଜନାର ବାସ୍ତବ ରୂପାୟନ ନେଇ ନାଉଗାଁ ଭିଏସ୍ (ଭେଟେରିନାରୀ ସର୍ଜନ)ଙ୍କୁ ନୋଡାଲ ଅଫିସର ଭାବରେ ନିଯୁକ୍ତି ଦିଆଯାଇଛି। ସେ କେବଳ କାଗଜକଲମରେ ଏହି ଅଫିସର ଦାୟିତ୍ୱରେ ଥିବା ଜଣାଯାଇଛି। ଏଣେ ପାଖାପାଖି ୬ ମାସ ହେବ ନୂଆକରି କିଣାଯାଇଥିବା କୁକୁର ବୁହା ଗାଡି କି କାମରେ ଆସୁଛି ତା'ଉପରେ ନାନା କଥା ଆଲୋଚନା ହେଉଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରାଣୀଧନ ଚିକିତ୍ସା ନିର୍ଦ୍ଦେଶକଙ୍କଠାରୁ ଯଥାଶୀଘ୍ର ଯନ୍ତ୍ରାଂଶ ସମ୍ପର୍କିତ ସୂଚନା ପାଇବା ପାଇଁ ବୁଧବାର ଆଉଥରେ ଚିଠି କରାଯାଇଛି। ଉତ୍ତର ମିଳିଲା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଆଗକୁ ଦେଖିବାର ଅଛି ଯୋଜନା କେବେ କାର୍ଯ୍ୟକ୍ଷମ ହେଉଛି।

### ଭାଜପାର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ

ବାଲିକୁଦା,୧୭।୭(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଧୀନ ୧ନଂ ଜୋନ୍‌ର ଇଚ୍ଛାପୁର ପଞ୍ଚାୟତସ୍ଥିତ ମଙ୍ଗଳଚଣ୍ଡିଙ୍କ ପୀଠରେ ବୁଧବାର ଭାଜପା ପକ୍ଷରୁ ଜୋନସ୍ତରୀୟ ସଙ୍ଗଠନିକ ବୈଠକ ଓ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ନିର୍ବାଚନମଣ୍ଡଳୀ ପ୍ରମୁଖ ତଥା ଭାଜପା ନେତା ଶିବବ୍ରତ ଦାସ ଯୋଗଦେଇ କର୍ମୀଙ୍କୁ ଅଧିକ କ୍ରିୟାଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରିକ ଶିବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଘୁନାଥ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସଦସ୍ୟତା ପ୍ରମୁଖ ଜଗନ୍ନାଥ ଦାଶ, ସମ୍ମାନିତ ଅତିଥି ନାରୀନେତ୍ରୀ ଅମିତା ଦାସ, ଜୋନ୍ ପ୍ରମୁଖ ଆଲୋକ କାନୁନ୍‌ଗୋ, ଉପସଭାପତି ଗଗନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏତାଦୃଶ କାର୍ଯ୍ୟକ୍ରମକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି କର୍ମୀଙ୍କୁ ଦାସ ସୂଚନା ଦେଇଥିଲେ। ଏହିଅବସରରେ ପଞ୍ଚାୟତ ସହପ୍ରମୁଖ ମାଧବାନନ୍ଦ ନାୟକଙ୍କ ମାତୃ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ଓଝା, ସଞ୍ଜୟ ଲେଙ୍କା, ବିନୋଦ ପରିଡା, ଧର୍ମାନନ୍ଦ ସେଠୀ, ଗୋବିନ୍ଦ ପତି, ତ୍ରିଲୋଚନ ଲେଙ୍କା, ରାମଚନ୍ଦ୍ର ରାଉତରାୟ ଓ ଭଗବାନ ନାୟକ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଦୁଇ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ସହଯୋଗ କରିଥିଲେ।




ଜଗତ୍‌ସିଂହପୁର ଜିଲାରେ ରହୁଥିବା ଆଦିବାସୀଙ୍କୁ ପକ୍କାଘର, ଘରଡିହ ପ୍ରଦାନ ଏବଂ ଆଦିବାସୀଙ୍କ ନାମରେ ଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଣଧାରଣା ଦିଆଯାଇଛି।

### ଖଦି, ଗ୍ରାମୋଦ୍ୟୋଗ ସଚିବଙ୍କ ବାଲିକୁଦା ଗସ୍ତ
### ଗାନ୍ଧୀ ଉଦ୍ୟୋଗ ମନ୍ଦିରର ଅନୁଧ୍ୟାନ କଲେ

ବାଲିକୁଦା,୧୭।୭(ସ୍ୱ.ପ୍ର.)

ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ସଚିବ ସରୋଜ ପଟ୍ଟେଲ ବୁଧବାର ଜଗତ୍‌ସିଂହପୁର ଜିଲାର ବାଲିକୁଦା ବ୍ଲକ ଗସ୍ତ କରିଛନ୍ତି। ତାଙ୍କ ସହିତ ଉପସଚିବ ରେଣୁ ପ୍ରଭା ନାୟକ, ଖଦି ବୋର୍ଡ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ପତି, ଜଗତ୍‌ସିଂହପୁର ଜିଲା ଖଦି ବୋର୍ଡ ସଂଯୋଜକ ରମେଶ ମହାରଣା, କଟକ ଜିଲା ଖଦି ବୋର୍ଡ ସଂଯୋଜକ ପ୍ରଫୁଲ୍ଲ ନାୟକ ପ୍ରମୁଖ ସାମିଲ ଥିଲେ। ସଚିବ, ଉପସଚିବ ଓ ଅଧିକାରୀମଣ୍ଡଳୀ ବାଲିକୁଦାରେ ପହଞ୍ଚି କାଠଗୋଲା ଛକଠାରେ ଥିବା ଗାନ୍ଧୀ ଉଦ୍ୟୋଗ ମନ୍ଦିର ଅନୁଧ୍ୟାନ କରିଥିଲେ। ଏଥିସହିତ ଏଠାରେ ଚାଲିଥିବା ସୂତା କଟା ଚରଖା ଦେଖିଥିଲେ। ପରେ ସୂତାକଟା କାର୍ଯ୍ୟରେ ନିୟୋଜିତ ମହିଳା କାରିଗରଙ୍କ ସହ ଆଲୋଚନା କରିଥିଲେ। ଗାନ୍ଧୀ ଉଦ୍ୟୋଗ ମନ୍ଦିରର ଥିବା ସମସ୍ୟା ସମ୍ପର୍କରେ ସଭାପତି ଶିବବ୍ରତ ଦାସ ଓ ସମ୍ପାଦିକା ମହାମାୟା ବିଶ୍ୱାଳଙ୍କ ସହ ଆଲୋଚଚନା କରି ଫେରିଥିଲେ।

# ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

ନାଉଗାଁ,୧୭।୭(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ବହୁ ହିତାଧିକାରୀ ବିଡିଓ ରଶ୍ମିରେଖା ମଲିକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପଞ୍ଚାୟତର କମଳ ଲୋଚନ ମହାନ୍ତି, ଶୁଭେନ୍ଦୁ ବେହୁରା, ସୁବୋଧ ମହାନ୍ତି ଓ ନୀଳକଣ୍ଠ ମହାନ୍ତି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଏହିଅଭିଯୋଗ କରିଛନ୍ତି। ଏଥିସହ ଏହାର ନକଲ ବ୍ଲକ ଅଧ୍ୟକ୍ଷ, ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଦେଇଛନ୍ତି।

ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୂର୍ବରୁ ବିଭିନ୍ନ ରାଜସ୍ୱ ଗ୍ରାମର ଖାଉଟି ସାମଗ୍ରୀ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରୁ ନେଉଥିଲେ। ବର୍ତ୍ତମାନ ଏହି ଖାଉଟି ସାମଗ୍ରୀ ଦାୟିତ୍ୱ ଅଲଣା ଗ୍ରାମର ବେଲବଣ ମହିଳ ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ନିୟମାନୁସାରେ ପ୍ରତି ମାସ ୫ ତାରିଖରେ ସାମଗ୍ରୀ ବଣ୍ଟନ କରାଯିବା କଥା। ହେଲେ ଗୋଷ୍ଠୀ ପକ୍ଷରୁ ଏ ପର୍ଯ୍ୟନ୍ତ ସାମଗ୍ରୀ ବଣ୍ଟନ କରାଯାଇନାହିଁ। ଅନ୍ୟପକ୍ଷରେ ସାମଗ୍ରୀ ବଣ୍ଟନ ସ୍ଥାନଠାରୁ ରୋହିଆ ଆଦି ଗ୍ରାମ ୧୨ କି.ମି ଦୂର। ଫଳରେ ସାମଗ୍ରୀ ଆଣିବା କଷ୍ଟ ସାଧ୍ୟ। ସେହିପରି ଏହି ସ୍ୱୟଂସହାୟିକା ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଇଙ୍ଗିତରେ ସାମଗ୍ରୀ ବଣ୍ଟନ ନ କରି ଗଚ୍ଛିତ ରଖିଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଯଦି ଶୀଘ୍ର ଖାଉଟି ସାମଗ୍ରୀ ବଣ୍ଟନ କରା ନ ଯାଏ ଆଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ। ଏଥିପାଇଁ ବ୍ଲକ ପ୍ରଶାସନ ଓ ଯୋଗଣ ବିଭାଗ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ବିଜୟ ସିଂଙ୍କୁ ପଚାରିବାରେ ସେ କହିଥିଲେ, ଖାଉଟି ସାମଗ୍ରୀ ବଣ୍ଟନରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରିଜାଇନ ଦେବାପରେ ଉକ୍ତ ସ୍ୱୟଂସହାୟିକା ଗୋଷ୍ଠୀକୁ ଟେମ୍ପରାରିଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୫ ତାରିଖ ମଧ୍ୟରେ ସାମଗ୍ରୀ ବଣ୍ଟନ କରାଯିବ।

### ତିର୍ତ୍ତୋଲ ଛାତ୍ର ଯୁବ ବିଜେଡି ନେତାଙ୍କ ପାଟକୁରାରେ ପ୍ରଚାର

ତିର୍ତ୍ତୋଲ,୧୭।୭(ଡି.ଏନ.ଏ.)

ତିର୍ତ୍ତୋଲ ବିଧାୟକ ବିଷ୍ଣୁବରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲା ଓ ତିର୍ତ୍ତୋଲ ବ୍ଲକର ଛାତ୍ର ଯୁବ ବିଜେଡି ନେତା ପାଟକୁରା ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କୁ ଜିତାଇବା ପାଇଁ ପ୍ରଚାରରେ ମାତିଛନ୍ତି । ଯୁବ ବିଜେଡି ନେତା ବିରଞ୍ଚି ନାରାୟଣ ମହାସୁଆର ଓ କଟକ ଜୋନ୍ ଛାତ୍ର ବିଜେଡି ସଭାପତି ପ୍ରଭୃତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲାର ବହୁ ଯୁବ ବିଜେଡି କର୍ମକର୍ତ୍ତା ଏଥିରେ ସାମିଲ ହୋଇଛନ୍ତି । ପାଟକୁରା ନିର୍ବାଚନ ମଣ୍ଡଳୀ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଲିବୁଲି ସେମାନେ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ଏହି କାର୍ଯ୍ୟରେ ତିର୍ତ୍ତୋଲର ଯୁବ ବିଜେଡି ନେତା ତଥା ତୁମୁଡିବନ୍ଧ ବିଜେଡି ପର୍ଯ୍ୟବେକ୍ଷକ ଯଶୋବନ୍ତ ରାଉତ,ଜିଲା ଉପସଭାପତି ସ୍ମୃତିରଞ୍ଜନ ନାୟକ, ରଶ୍ମିରଞ୍ଜନ ଚୌଧୁରୀ, ସଂଗ୍ରାମ କେଶରୀ ଚୌଧୁରୀ, ସୁଜିତ ମହାନ୍ତି ପ୍ରମୁଖ ସାମିଲ ହୋଇଛନ୍ତି। ସେମାନଙ୍କ ସହ ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି ।

# ବ୍ଲକସ୍ତରୀୟ ସମ୍ବେଦନଶୀଳ ଭିତ୍ତିକ କର୍ମଶାଳା

ବିରିଡି,୧୭।୭(ଡି.ଏନ.ଏ.)

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଏକ ଦିବସୀୟ ସମ୍ବେଦନଶୀଳଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳି ସାହୁ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପ୍ରଗତି ସହାୟକ ସୁରେନ୍ଦ୍ର ନାତ ଶତପଥୀ, ବ୍ଲକ ଜୀବିକା ସଂଯୋଜକ ଦିଲୀପ ମିଶ୍ର, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ବିଜୟ ରଣା ଯୋଗ ଦେଇଥିଲେ। କର୍ମଶାଳାରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ସମ୍ପ୍ରସାରଣ ବିଭାଗର ଅଧିକାରୀ, ଏବିଇଓ ବିଜୟ କୁମାର ଦ୍ୱିବେଦୀ, ପିଏଚଇଓ ଭବାନୀ ଶଙ୍କର ହାଲଦାର, ଅଙ୍ଗନୱାଡି ସୁପରଭାଇଜର ଉପସ୍ଥିତ ରହି ଆଗାମୀ ଦିନରେ ହେବାକୁ ଥିବା ସିଆରପି ରାଉଣ୍ଡ କାର୍ଯ୍ୟାବଳୀ ସମ୍ବନ୍ଧରେ ଅବଗତ ହୋଇଥିଲେ। ଯଥା ପରିସ୍ଥିତି ସମୀକ୍ଷା, ପରିସ୍ଥିତି ମାନଚିତ୍ର, ଗୃହଭିତ୍ତିକ ସମୀକ୍ଷା, ଭ୍ରାମ୍ୟମାଣ ଗୃହ ହିତାଧିକାରୀ ଚିହ୍ନଟ, ପରିବାର ବର୍ଗୀକରଣ, ପୁରୁଣା ଏସଏଚଜିର ତଥ୍ୟ ସଂଗ୍ରହ ଏବଂ ତାହାର ସ୍ଥିତି, ଯୋଗ୍ୟ ସଦସ୍ୟାଙ୍କୁ ନୂତନ ଗୋଷ୍ଠୀରେ ସାମିଲ କରିବା ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅତିଥି ଆଲୋକପାତ କରିଥିଲେ। ଶେଷରେ ଦିଲୀପ ମିଶ୍ର ଧନ୍ୟବାଦ ଦେଇଥିଲେ।




ବ୍ଲକସ୍ତରୀୟ ସମ୍ବେଦନଶୀଳ ଭିତ୍ତିକ କର୍ମଶାଳାରେ ଯୋଗଦେଇଥିବା ଅତିଥି।

## ■ ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ସର୍ଭେ ଟିମ୍ ଗାଡ଼ି ଓ ଚାଳକଙ୍କୁ ଅଟକ ଘଟଣା

# ଲିଖିତ ଚୁକ୍ତିନାମା ପରେ ଛାଡ଼ିଲେ ଗ୍ରାମବାସୀ

କୁଜଙ୍ଗ,୧୭।୭(ସ୍ୱ.ପ୍ର.)

- ■ ପୋସ୍କୋ ପରେ ଏବେ ଜେଏସ୍‌ଡବ୍ଲ୍ୟୁକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି
- ■ ପୂର୍ବ ଦାବି ପୂରଣ ହୋଇ ନ ଥିବାରୁ ତୀବ୍ର ହେଉଛି ଅସନ୍ତୋଷ

ଅଭୟଚାନ୍ଦପୁର ଥାନା ଅଧୀନ ଢିଙ୍କିଆ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମବାସୀ ମଙ୍ଗଳବାର ଅଟକ ରଖିଥିବା ଜେଏସ୍‌ଡବ୍ଲ୍ୟୁ ସର୍ଭେ ଟିମ୍‌ର ଗାଡି ଓ ଚାଳକଙ୍କୁ ବୁଧବାର ଲିଖିତ ଚୁକ୍ତିନାମା ପରେ ଛାଡ଼ି ଦେଇଛନ୍ତି। ଚାଳକ ଏଠାକୁ କେବେ ଆସିବେ ନାହିଁ ବୋଲି ଲିଖିତ ଆକାରରେ ଦେଇଛନ୍ତି। ଏଥିସହିତ ସେ ଗାଡ଼ିଚାଳକ ତାଙ୍କର ଏଥିରେ କୌଣସି ଭୂମିକା ନ ଥିବା ଦର୍ଶାଇଛନ୍ତି। ହେଲେ ଏହି ଘଟଣାପରେ ଗ୍ରାମବାସୀ ବେଶ୍ ଉତ୍ତେଜିତ ହୋଇଛନ୍ତି। ଆଗକୁ ଯେଉଁମାନେ ଏଠାକୁ ଆସିବେ ସମସ୍ତଙ୍କୁ ଅଟକ ରଖିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁର ଏକ ୩ଜଣିଆ ଟିମ୍ ଡ୍ରୋନ୍ କ୍ୟାମେରା ଦ୍ୱାରା ଢିଙ୍କିଆ ପଞ୍ଚାୟତର ଗୋବିନ୍ଦପୁର ଅଞ୍ଚଳରେ ସର୍ଭେ କରୁଥିଲେ। ଏହା ଦେଖି ଗ୍ରାମବାସୀ ସେମାନଙ୍କ ନିକଟକୁ ଯିବାରୁ ସେମାନେ ପଳାଇ ଯାଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ସର୍ଭେ ଟିମ୍ ଆସିଥିବା ଏକ ବାଲେରୋ ସହ ଚାଳକଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ।

ପ୍ରକାଶଯୋଗ୍ୟ, ପୋସ୍କୋ ପ୍ରକଳ୍ପର ସ୍ୱପ୍ନରେ ବିଭୋର ଥିବା ଢିଙ୍କିଆ ଚାରିଦେଶ ଏବେ ବିଭିନ୍ନ ଦୃଷ୍ଟିରୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛି। ପୋସ୍କୋ ପାଇଁ ଅଧିଗୃହିତ ଜମିରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ନିଷ୍ପତ୍ତି ହୋଇଛି। ମାତ୍ର ପୋସ୍କୋ ଜମି ଅଧିଗ୍ରହଣ ସମୟରେ ଅଞ୍ଚଳରେ ଭାଇଚାରା ନଷ୍ଟ ହେବା ସହ ଧାନ, ପାନ ମୀନ ଚାଷ ଏକ ପ୍ରକାର ସ୍ଥାଣୁତା ଦେଖା ଦେଇଥିଲେ। ସମସ୍ତେ ଶିଳ୍ପର ସମୃଦ୍ଧି ନେଇ ସୁନେଲି ସ୍ୱପ୍ନରେ ବିଭୋର ରହିଥିବା ବେଳେ ଢିଙ୍କିଆ ଗ୍ରାମରେ ପୋସ୍କୋ ବିରୋଧୀଙ୍କ ଶେଷ ସଂଗ୍ରାମ ଲିଭିବାକୁ ବସିଥିବାବେଳେ ଏହି ଚର୍ଚ୍ଚିତ ଓ ବିବାଦୀୟ ପ୍ରକଳ୍ପ ଶେଷରେ ରାଜ୍ୟରୁ ଅପସରି ଗଲା। ଅଞ୍ଚଳର ସମୃଦ୍ଧ ପାନ ଚାଷର ଶ୍ରମିକଙ୍କୁ ପ୍ରତିଶ୍ରୁତି ମୁତାବକ ଭତ୍ତା ପ୍ରଦାନ ହେଉ କିମ୍ବା ଅନ୍ୟ ଭିତ୍ତିଭୂମିର ବିକାଶ କଥା କେଉଁଟାବି ପ୍ରଶାସନ ପୂରଣ କରିବାକୁ ସମର୍ଥ ହୋଇନାହିଁ। ପ୍ରାରମ୍ଭରେ ପୋସ୍କୋକୁ ତୀବ୍ର ବିରୋଧ କରାଯାଉଥିବା ବେଳେ ମିଳିତ କ୍ରିୟାନୁଷ୍ଠାନ କମିଟି ଗଢା ଯାଇ ଅନାଦି ରାଉତ, ନିଭୟ ସାମନ୍ତରାୟ, ଯୁବନେତା ତମିଲି ପ୍ରଧାନଙ୍କ ପରି ଶିଳ୍ପ ସପକ୍ଷରେ ଜନମତ ସୃଷ୍ଟି କରି କୌଣସି ପ୍ରକାରରେ ଇଡିକ୍ ଜମି ଅଧିଗ୍ରହଣ କରିବାକୁ ସମର୍ଥ ହୋଇଥିଲା। ମାତ୍ର ଆଇନଗତ କାରଣରୁ ପୋସ୍କୋ ପ୍ରକଳ୍ପ ରାଜ୍ୟରୁ ହଟି ଯାଇଥିବା ବେଳେ ଏବେ ସେହି ସ୍ଥାନରେ ଜିନ୍ଦଲ ତାର ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏବେ ଏହି ସର୍ଭେ ସଂସ୍ଥା ଓ ଜେଏସ୍‌ଡବ୍ଲ୍ୟୁକୁ ନେଇ ସଂଶୟ ବଢ଼ିବାରେ ଲାଗିଛି। ପୂର୍ବରୁ ପୋସ୍କୋ ଜମି ଅଧିଗ୍ରହଣର ପାନ ବରଜ କ୍ଷତି, ଶ୍ରମିକ ଭତ୍ତା ଏପରିକି ଗଛକଟା ଟଙ୍କା ବହୁ ଲୋକ ପାଇ ନ ଥିବା ବେଳେ ଏବେ ସେମାନଙ୍କ ପୁଞ୍ଜିଭୂତ ଅସନ୍ତୋଷ ପ୍ରକାଶ ପାଇଛି।



ସର୍ଭେ ସଂସ୍ଥାର ଗାଡ଼ି ଓ ଚାଳକଙ୍କୁ ଛାଡିବା ନେଇ ଗ୍ରାମବାସୀ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୧୭।୭:** ସ୍ଥାନୀୟ କଲେଜ ଛକ ନିକଟରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକାଙ୍କ ଘର ବାଲିକୁଦା ବ୍ଲକ ବନ୍ଦର ଥାନା ଅଞ୍ଚଳରେ। ସେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ମହାବିଦ୍ୟାଳୟ ଯୁକ୍ତ ତିନି ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ରୀ ବୋଲି ଜଣାଯାଇଛି। ନାବାଳିକା ପିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ମାମଲା ସଂଖ୍ୟା ୨୪୩/୧୯ ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ନାବାଳିକା ମହାବିଦ୍ୟାଳୟ ଛାତ୍ରୀ ନିବାସରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କୌଣସି କାମରେ କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ। ପରେ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ନାବାଳିକା ଜଣଙ୍କ ତାଙ୍କ ଜଣେ ସାଙ୍ଗଙ୍କ ମୋବାଇଲକୁ ଫୋନ କରି ସମ୍ପୃକ୍ତ ଯୁବକ ତାଙ୍କୁ ନେଇ ଯାଉଥିବା ସୂଚନା ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କ ଘର ନାବାଳିକାଙ୍କ ଘର ପାଖରେ। ସେମାନେ ପରସ୍ପରକୁ ଜାଣନ୍ତି। ଏପରି କି ଫୋନରେ କଥା ହେଉଥିଲେ ବୋଲି କୁହାଯାଉଛି। ସମ୍ପୃକ୍ତ ଯୁବକ ଚେନାଇରେ ଏକ କମ୍ପାନୀରେ କାମ କରୁଛନ୍ତି। ସେ ଗାଁକୁ ଫେରିଲା ପରେ ଏଭଳି ଯୋଜନା ପ୍ରସ୍ତୁତ କରିଥିଲେ। ଏକ କାରରେ ନାବାଳିକାଙ୍କୁ ନେଇ ଯାଇଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସନ୍ଦେହ କରାଯାଉଥିବା ପୋଲିସ ସୂଚନା ଦେଇଛି। ଅଧିକ ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ।

## ବିପିସିଏଲ୍ ତୈଳଭଣ୍ଡାର ସମ୍ପ୍ରସାରଣ ପାଇଁ ଜନଶୁଣାଣି

# ମତ ରଖିଲେ ୧୦, ବିରୋଧ କଲେ ୩

**ପାରାଦୀପ,୧୭।୭(ସ୍ୱ.ପ୍ର.)**

ପାରାଦୀପ ବାଉରିଆପାଳନ୍ଦାଠାରେ ଥିବା ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ୍) ଟର୍ମିନାଲ ଆଗରେ ତୈଳଭଣ୍ଡାର ସମ୍ପ୍ରସାରଣ ପାଇଁ ବୁଧବାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ଅତ୍ୟନ୍ତ ପ୍ରଚାରବିହୀନଭାବେ ହୋଇଥିବା ଏହି ଜନଶୁଣାଣିରେ ଉପସ୍ଥିତ ଜନତାଙ୍କ ମଧ୍ୟରୁ ମାତ୍ର ୧୦ଜଣ ମତ ରଖିଥିଲେ। ଯେଉଁଥିରେ ବିପସିଏଲ୍ ତେଲ ବେପାର ସହ ସମ୍ପୃକ୍ତ ୭ଜଣ ଥିଲେ। ସେହି ୭ଜଣ ବର୍ଦ୍ଧିତ ପ୍ରକଳ୍ପକୁ ସମର୍ଥନ ଜଣାଇଥିଲେ। ପାରାଦୀପ ସହରାଞ୍ଚଳର ୩ଜଣ ବିରୋଧ କରିଥିଲେ। ଘଣ୍ଟାଏ ମଧ୍ୟରେ ହୋଇଥିବା ଏହି ଜନଶୁଣାଣିରେ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶଚନ୍ଦ୍ର ଏକ୍କା ଓ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର ଉପସ୍ଥିତ ଥିଲେ। ବିପିସିଏଲର ଏବେ ୬୦୦୦କେ ଏଲ୍(କିଲୋ ଲିଟର) ଟ୍ୟାଙ୍କ ମହଜୁଦ ଅଛି। ଆଗାମୀ ଦିନରେ ୧୩ ହଜାର କେ.ଏଲ୍ ତେଲ ଅଧିକ ଗଚ୍ଛିତ ରଖିବା ପାଇଁ ଟ୍ୟାଙ୍କ ହେବ। ଏଥିପାଇଁ ୧୯.୪୮ କୋଟି ଟଙ୍କା ଖର୍ଚ୍ଚ ହେବ। ୪ ଏକର ଜାଗା ଆବଶ୍ୟକ। ଟର୍ମିନାଲ ପାଇଁ କମ୍ପାନୀ ଜାଗା ପୂର୍ବରୁ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଲିଜ୍ ନେଇଛି। ଏହାଦ୍ୱାରା ପୂର୍ବ ଭାରତରେ ତୈଳର ଚାହିଦା ମୁତାବକ ଯୋଗାଣ ହୋଇପାରିବ ବୋଲି କୁହାଯାଉଛି।



ଜନଶୁଣାଣିରେ ଯୋଗଦେଇଥିବା ସ୍ଥାନୀୟ ଲୋକେ ଓ ଅନ୍ୟମାନେ।

- **ଆଗ୍ନିକ ନିରାପତ୍ତା ପାଇଁ ନାହିଁ ଜଳ ବ୍ୟବସ୍ଥା**
- **ଅତ୍ୟନ୍ତ ପ୍ରଚାରବିହୀନଭାବେ ହେଲା ଜନଶୁଣାଣି**
- **୧୩ କିମି ପାଇପ୍ ଲାଇନ୍ ୧୨ ଥର ଫାଟିଛି**

ସୂଚନାଯୋଗ୍ୟ, ତୈଳ ଟର୍ମିନାଲ ଭଳି ଆଗ୍ନିକ ବିପଦ ଥିବା ବ୍ୟବସାୟୀକସ୍ଥଳରେ ପର୍ଯ୍ୟାପ୍ତ ପରିମାଣର ପାଣି ରହିବା କଥା। ପୂର୍ବରୁ ଆବଶ୍ୟକ ପାଣି ପାରାଦୀପ ବନ୍ଦରଠାରୁ କମ୍ପାନୀ ନେଉଥିଲା। ଗତ ୫ ବର୍ଷ ହେଲା ବନ୍ଦରର ନିଜସ୍ୱ ଆବଶ୍ୟକ ପାଣି ନିଅଣ୍ଟ ହେବାରୁ ଚଳିତ ବର୍ଷ ଟର୍ମିନାଲକୁ ଯୋଗାଯାଉଥିବା ପାଣି ଗତ ଏପ୍ରିଲ ମାସରୁ ବନ୍ଦ ହୋଇଛି। ଏବେ ଟର୍ମିନାଲ ପାଇଁ ଆବଶ୍ୟକ ପାଣି କମ୍ପାନୀ କର୍ତ୍ତୃପକ୍ଷ ବିଶୋଧନାଗାର ପ୍ରକଳ୍ପରୁ ଟ୍ୟାଙ୍କର ଯୋଗେ ଆଣୁଛନ୍ତି ଏବଂ ଲୁକ୍କାୟିତଭାବେ ଭୂତଳ ଜଳ ବ୍ୟବହାର କରୁଛନ୍ତି। ପୁଣି ଏହାରି ମଧ୍ୟରେ ସମ୍ପ୍ରସାରଣ ତୈଳଭଣ୍ଡାରର ସୁରକ୍ଷା ପାଇଁ ପାଣି କେଉଁଠୁ ଆସିବ ବୋଲି ଜନଶୁଣାଣିରେ ପ୍ରଶ୍ନକରାଯାଇଥିଲା। ଏ ସମ୍ପର୍କରେ କମ୍ପାନୀ ପରିଚାଳକ ଶ୍ରୀନିବାସନ କହିଥିଲେ, ଆମେ ମହାନଦୀ ସାଉଥ ଡିଭିଜନ ସହ ଆଲୋଚନା କରିଛୁ। ସେମାନେ ପାଣି ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟଏକ ପ୍ରସଙ୍ଗ ଥିଲା, ୨୦୧୪ଜୁନ୍ ୬ରୁ ଏ ପର୍ଯ୍ୟନ୍ତ ପାରାଦୀପ ବନ୍ଦରଠାରୁ ଟର୍ମିନାଲ ଯାଏ ଥିବା ୧୩ କିମି ପାଇପ୍ ଲାଇନ୍ ୧୨ ଥର ଫାଟିଛି। ଏହି ସମୟରେ ବିପୁଳ ପରିମାଣର ତେଲ ନଦୀ ସମୁଦ୍ରରେ ମିଶିଛି। ଏହାର ପ୍ରତିକାର ସମ୍ପର୍କରେ ଅତିରିକ୍ତ ଜିଲାପାଳ ଧୀର କହିଥିଲେ, ସେମାନେ ସେଫ୍ଟି ସମ୍ପର୍କରେ ଧ୍ୟାନ ଦେବେ। ଏଥିସହ କମ୍ପାନୀର ସିଏସ୍‌ଆର୍ ଖର୍ଚ୍ଚ, ବନୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପ୍ରସଙ୍ଗକୁ ନେଇ ନକରାତ୍ମକ ମନ୍ତବ୍ୟ ଥିଲ। ଜନଶୁଣାଣି ସମ୍ପର୍କରେ ପାରାଦୀପର କୌଣସି ପୌରପାଳିକା କାଉନ୍‌ସିଲର, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନ ବୁଦ୍ଧିଜୀବୀ ଆଦିଙ୍କୁ ଡକାଯାଇ ନ ଥିବା ଜଣାପଡ଼ିଛି।

## ଫାଇଲକୁ ନେଇ ବ୍ଲକ ଅଧ୍ୟକ୍ଷାଙ୍କୁ ତାଲା ପକାଯିବା ଘଟଣା

# ତଦନ୍ତ ସମୟରେ ଥାନାରୁ ଖସିଗଲେ ଅଭିଯୁକ୍ତ

**ରଘୁନାଥପୁର, ୧୭।୭ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଦେଉଳିସାହିସ୍ଥିତ ଏକ ପିଣ୍ଡି କାର୍ଯ୍ୟର ଫାଇଲକୁ କେନ୍ଦ୍ରକରି ବ୍ଲକ ଅଧ୍ୟକ୍ଷାଙ୍କୁ ମୁଖ୍ୟ ଫାଟକରେ ତାଲା ପକାଯାଇ ବାହାରକୁ ଯିବାକୁ ଦିଆଯାଇ ନ ଥିଲା। ପରେ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଅନୁରୂପ ଭାବେ ଏହି ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଧ୍ୟକ୍ଷାଙ୍କ ସମର୍ଥକଙ୍କ ନାମରେ ପାଲଟା ଅଭିଯୋଗ କରିବା ପରେ ପୋଲିସ ନଂ. ୫୫/୧୯ରେ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେଇଥିଲା। ବୁଧବାର ତଦନ୍ତରେ ସମ୍ମୁଖୀନ ହେବାକୁ ଆସିଥିବା ୩ ଅଭିଯୁକ୍ତଙ୍କୁ ଥାନାକୁ ଡକାଯାଇଥିଲା। ନିଜର ସମର୍ଥକଙ୍କ ଗହଣରେ ଅଭିଯୁକ୍ତମାନେ ଥାନାକୁ ଆସିଥିଲେ। ତେବେ ଆଇଆଇସି ବବିତା ଦଳାଇ ସମର୍ଥକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରୁଥିବା ସମୟରେ ପୋଲିସକୁ ଚକମା ଦେଖାଇ ୩ ଅଭିଯୁକ୍ତ ଥାନାରୁ ଖସି ପଳାଇଥିଲେ। ଥାନାରେ ଉପସ୍ଥିତ ଥିବା ଏସଡିପିଓ ଡି.ଆର. ଜେନା ଘଟଣାର ଗମ୍ଭୀରତାକୁ ନେଇ ତଦନ୍ତ ଚାଲିଥିବା ଏବଂ ଗେଟରେ ତାଲା ପକାଇ ଅଧ୍ୟକ୍ଷାଙ୍କୁ ଅଟକା ଯିବା ଘଟଣା ସମ୍ପୂର୍ଣ୍ଣ ଭାବେ ଆଇନ ବିରୋଧୀ ବୋଲି ସ୍ୱୀକାର କରିଛନ୍ତି। ତେବେ ଅଭିଯକ୍ତମାନେ ଖସିଯିବା ସମ୍ପର୍କରେ ଆଇଆଇସି ଦଳାଇ ତଦନ୍ତରେ ସହଯୋଗ ନ କରି ପୋଲିସ ଅଲକ୍ଷ୍ୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇ ଥିବା ସ୍ୱୀକାର କରିବା ସହ ସେମାନଙ୍କ ଫୋନ୍ ସୁଇଚ ଅଫ ଥିବା ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଏତଲାକାରୀ ମଧ୍ୟ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

# ପାରାଦୀପରେ ଆରଏଏଫ୍‌ର ଫ୍ଲାଗମାର୍ଚ୍ଚ



ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

**ପାରାଦୀପ,୧୭।୭(ସ୍ୱ.ପ୍ର.)**

ପାରାଦୀପରେ ଥିବା ୫ ଥାନା ଅଞ୍ଚଳରେ ବୁଧବାର ରାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍) ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ସଶସ୍ତ୍ର ଯବାନ ସହରାଞ୍ଚଳରେ ଏପରି ଫ୍ଲାଗ୍‌ମାର୍ଚ୍ଚ କରିବାକୁ ନେଇ ବିଭିନ୍ନ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ପାରାଦୀପ ମଡେଲ ଥାନାଧିକାରୀ ରଜନୀକାନ୍ତ ସାମଲଙ୍କୁ ପଚାରିବାରେ ସେ କହିଥିଲେ, ଏହା ରୁଟିନ୍ ୱାର୍କ। ଜିଲା ସାରା ଏପରି କରାଯାଉଛି। ସମାଜରେ ଦୁର୍ବଳବର୍ଗଙ୍କୁ ସାହାସ ଓ ଅପରାଧ ମାନସିକତା ଥିବା ବ୍ୟକ୍ତି ମଧ୍ୟରେ ଭୟ ସଞ୍ଚାର ପାଇଁ ବେଳେବେଳେ ଏଭଳି କରାଯାଏ। ଏହାଦ୍ୱାରା କେହି ଭୟଭୀତ ବା ଆଶଙ୍କା ପ୍ରକାଶ କରିବାର କାରଣ ନାହିଁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୩ ଔଷଧ ଦୋକାନରେ ଚଢ଼ାଉ ଲାଇସେନ୍ସ ନ ଥିବାରୁ ଜଣଙ୍କ ନାମରେ ମାମଲା



**ପୁରୀ ଅଫିସ,୧୭।୭:** ପୁରୀ ଜିଲାର ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲୁଥିବା ଏବଂ ଏକ୍ସପାଏରୀ ଔଷଧ ବିକ୍ରି ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଡ୍ରଗ୍ସ ବିଭାଗର ଚେତା ପଶିଛି। ବୁଧବାର ଡ୍ରଗ୍ସ ବିଭାଗ ପକ୍ଷରୁ ପିପିଲି ଓ ହରିରାଜପୁର ମଧ୍ୟସ୍ଥ ଔଷଧ ଦୋକାନଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି। କଣ୍ଟିଠାରେ ଏକ ଔଷଧ ଦୋକାନ ବିନା ଲାଇସେନ୍ସରେ ଚାଲିଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଏ ନେଇ ପୁରୀ ଡ୍ରଗ୍ସ ଇନ୍ସପେକ୍ଟର ରୁଦ୍ରନାରାୟଣ ସାହୁ ସମ୍ପୃକ୍ତ ଦୋକାନ ମାଲିକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପୁରୀ ଡ୍ରଗ୍ସ ବିଭାଗର ଏକ ଟିମ୍ ହରିରାଜପୁର, ବାରିମୂଳ ଓ କଣ୍ଟି ବଜାରରେ ଥିବା ୩ଟି ଔଷଧ ଦୋକାନ ଉପରେ ଚଢ଼ାଉ କରିଥିଲେ। କଣ୍ଟିସ୍ଥିତ ବିରଞ୍ଚି ନାରାୟଣ ଦାଶଙ୍କ ଔଷଧ ଦୋକାନର କାଗଜପତ୍ର ଯାଞ୍ଚ ବେଳେ ଏହା ବିନା ଲାଇସେନ୍ସରେ ଚାଲିଥିବା ଜାଣିବାକୁ ପାଇଥିଲେ। ୨୧ଟି ଔଷଧର ନମୁନା ଯାଞ୍ଚ କରାଯାଇଥିଲା। ୨ଟି ଔଷଧ ପରୀକ୍ଷା ଓ ଗବେଷଣା ଲାଗି ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ବିନା ଲାଇସେନ୍ସରେ ଦୋକାନ ଚଲାଉଥିବା ନେଇ ଦାଶଙ୍କ ବିରୋଧରେ ଡ୍ରଗ୍ସ ଓ କସ୍‌ମେଟିକ୍ ଆକ୍ଟ ୨ସି କ୍ରମେ କେସ୍ ନଂ. ୧/୧୯ ରୁଜୁ ହୋଇଛି।

### ବେଆଇନ ଭାବେ ପଥର କାଟିବା ଅଭିଯୋଗ
### ଚାଷଜମିକୁ ଯାଇପାରୁନାହାନ୍ତି ଚାଷୀ

**ପୁରୀ ଅଫିସ, ୧୭।୭:** ପୁରୀ ଜିଲା ଡେଲାଙ୍ଗ ତହସିଲ ଅଞ୍ଚଳରେ ପଥର ଖଣି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ସେମାନେ ସରକାରୀ ଜାଗାରେ ମାଙ୍କଡ଼ା ପଥର କାଟିବା ସହ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ପାଖରେ ପହଞ୍ଚିଗଲେଣି। ପଥର କାଟି ଗର୍ତ୍ତ ସୃଷ୍ଟି କରିବା ଫଳରେ ଅପରପାର୍ଶ୍ୱ ଜମିକୁ ସମ୍ପୃକ୍ତ ଜମି ମାଲିକମାନେ ଯାଇପାରୁନାହାନ୍ତି। ଏ ନେଇ ଖଣି ମାଫିଆଙ୍କୁ କହିଲେ ସେମାନେ କିଛି ନ ଶୁଣି ଧମକଚମକ ଦେଉଛନ୍ତି ବୋଲି ଯମୁନା ଗ୍ରାମର କେତେକ ଲୋକେ ବୁଧବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଯମୁନା ଝାରପଡ଼ା ମୌଜାର ପ୍ରାୟ ୪୦ଜଣ ଚାଷୀ ନିଜ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେମାନଙ୍କ ଜମିକୁ ଲାଗି ସରକାରୀ ଜଙ୍ଗଲ ରହିଛି। ଏଥିରୁ ମଧ୍ୟ ବିଭିନ୍ନ ପ୍ରକାରେ ସେମାନେ ଉପକୃତ ହୋଇଥାନ୍ତି। ହେଲେ ଏକାଧିକ ଖଣି ମାଫିଆ ଜେସିବି, ପଥରକଟର ମେଶିନ ଲଗାଇ ଉକ୍ତ ସରକାରୀ ଜମିରୁ ପଥର କାଟୁଛନ୍ତି। ପ୍ରାୟ ୪/୫ ଫୁଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଜମିକୁ ଯିବା ରାସ୍ତା ବନ୍ଦ ହୋଇଯାଇଛି। ପଥର କଟାଯାଉଥିବା ଜାଗା ଗୋଚର ଏବଂ ଜଙ୍ଗଲ କିସମ। ଏଥିସହ ସର୍ବସାଧାରଣ ରାସ୍ତାରେ ମଧ୍ୟ ପଥର କଟାଯାଉଛି, ଯାହା ଏହା ସରକାରୀ ନିଲାମଭୁକ୍ତ ନୁହେଁ। ତେଣୁ ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଉଚିତ ନ୍ୟାୟ ଦେବାକୁ ଜିଲାପାଳଙ୍କୁ ଅନୁରୋଧ ଜଣାଇଛନ୍ତି। ଏ ସମ୍ପର୍କରେ ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରେ କହିଛନ୍ତି, ଗ୍ରାମବାସୀ ଏ ବିଷୟରେ ଲିଖିତ ଭାବେ ଜଣାଇଛନ୍ତି। ମଝିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ବନ୍ଦ କରିଥିଲୁ। ଏହାପରେ ନିର୍ବାଚନ ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ପଡ଼ିଗଲା। ଏହି ୨/୩ ଦିନ ମଧ୍ୟରେ ପୁଣି ତାହାକୁ ବନ୍ଦ କରିଦେବୁ।

### ସାହିତ୍ୟ ଆସର ଓ ଆଲୋଚନାଚକ୍ର

**ପୁରୀ ଅଫିସ,୧୭।୭:** ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସର୍ବମଙ୍ଗଳା ପାଠଗାର ପରିସରରେ ଏକ ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସଦାଶିବ ମିଶ୍ର ଓ ସମ୍ମାନିତ ଅତିଥି ଭାବେ କବି ସୁରେଶ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଶୀର୍ଷକ ତତ୍ତ୍ୱ ଆଲୋଚନା କରାଯାଇଥିଲା। ଯୁବ କବି ମିଲନ୍‌ଜିତ ମହାନ୍ତିଙ୍କ ସଂଯୋଜନାରେ କବିତା, ଗଳ୍ପ ଓ ପ୍ରବନ୍ଧ ପାଠୋତ୍ସବ ଆୟୋଜିତ ହୋଇଥିଲା।

■ ଫିଡ୍‌କୋର ମନମାନି: ଜିଲାପାଳଙ୍କଠାରେ ଅଭିଯୋଗ

# ୬ ମାସ ହେଲା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ମିଳିନି ପ୍ରାପ୍ୟ

ନୟାଗଡ଼ ଅଫିସ,୧୭।୭

ନୟାଗଡ଼ ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ର ମହିଳାମାନେ ବିଦ୍ୟୁତ୍ ବିଭାଗ ତରଫରୁ ବିଲ୍ ସଂଗ୍ରହ କରି ସ୍ୱାବଲମ୍ବୀ ହେବା ଜିଲା ତଥା ରାଜ୍ୟ ପାଇଁ ପ୍ରଥମ ଘଟଣା ହୋଇଥିଲା। ଏ ନେଇ ବିଭିନ୍ନ ମହଲରୁ ସେମାନେ ପ୍ରଶଂସିତ ହୋଇଥିଲେ। ହେଲେ ଏହି ମହିଳା ସଦସ୍ୟାମାନେ ୬ ମାସ ହେଲାଣି ସେମାନଙ୍କର ପ୍ରାପ୍ୟ ପାଇନାହାନ୍ତି। ଜିଲାରେ ୧୨୨ଟି ଏସ୍‌ଏଚଜି ଗ୍ରୁପ୍‌ର ସଦସ୍ୟାମାନେ ଏହିଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସଦସ୍ୟାମାନେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଲ୍ ସଂଗ୍ରହ କରୁଥିଲେ ମଧ୍ୟ ସେମାନଙ୍କୁ ପାଉଣା ମିଳିନାହିଁ। ପୂର୍ବେ ସେସୁ ଅଧୀନରେ ବିଲ୍ ଆଦାୟ କରୁଥିବାବେଳେ ବର୍ତ୍ତମାନ ଫିଡ୍‌କୋ ଏହି ଦାୟିତ୍ୱ ନେଇଛି। ଫଳରେ ଫିଡ୍‌କୋର ମନମାନି ପଦାକୁ ଆସିଛି।

ପ୍ରକାଶ ଯେ, ମହିଳାମାନେ ଯେତେ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦକୁ ଆଦାୟ କରନ୍ତି ତାହାର ୬ ପ୍ରତିଶତ ସେମାନଙ୍କୁ ପାଉଣା ଆକାରରେ ପ୍ରଦାନ କରାଯାଇଥାଏ। ହେଲେ ୬ ମାସ ହେଲାଣି ୧୨୨ଟି ଗ୍ରୁପ୍‌ର ସଦସ୍ୟାମାନେ ପାଉଣା ପାଇନାହାନ୍ତି। ଏ ନେଇ ୮ ଦିନ ତଳେ ଫିଡ୍‌କୋରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନାହିଁ। ଫଳରେ ସଦସ୍ୟାମାନେ ବୁଧବାର ଏ ନେଇ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଫିଡ୍‌କୋ ସେମାନଙ୍କର ପାଉଣା ନ ଦେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

ଇଟାମାଟି ମା' ମଙ୍ଗଳା ଗ୍ରୁପ୍‌ର ମହିଳାମାନଙ୍କ କହିବା ଅନୁଯାୟୀ, ପ୍ରାୟ ୧୦ ବର୍ଷ ହେଲାଣି ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଦ୍ୟୁତ୍ ବିଲ ସଂଗ୍ରହ କରି ଆସୁଛନ୍ତି। ପୂର୍ବରୁ ସେସୁ ଅଧୀନରେ ବିଲ୍ ଆଦାୟ କରୁଥିବା ବେଳେ ସେମାନେ କୌଣସି ହଇରାଣ ହୁଅନ୍ତି ନାହିଁ। ହେଲେ ୩ ବର୍ଷ ହେଲାଣି ଫିଡ୍‌କୋ ଅଧୀନକୁ ବିଦ୍ୟୁତ୍ ବିଲ୍ ଆସିବା ପରେ ସଦସ୍ୟମାନେ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି। କେବେ ୨ ମାସ ତ କେବେ ୩ ମାସ ଧରି ବିଭାଗ ସେମାନଙ୍କର ପାଉଣା ଦେଉନାହିଁ। ଏ ନେଇ ଅଭିଯୋଗ କରାଯିବା ପରେ ଦିଆଯାଉଛି। ବର୍ତ୍ତମାନ ୬ ମାସ ହେଲାଣି ସେମାନଙ୍କର ପାଉଣା ମିଳିନାହିଁ। ମହିଳାମାନେ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ଜିଲାପାଳ ଅନୁପସ୍ଥିତ ଥିବାରୁ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କୁ ସଦସ୍ୟାମାନେ ସେମାନଙ୍କର ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଫିଡ୍‌କୋ ନିର୍ବାହୀ ଯନ୍ତ୍ରୀ ଚନ୍ଦନ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ବୁଧବାର ସେମାନଙ୍କୁ ଗୋଟିଏ ମାସର ପ୍ରାପ୍ୟ ଦିଆଯାଇଛି, ଆଉ କିଛିଦିନ ପରେ ଆଉ ଗୋଟିଏ ମାସର ପ୍ରାପ୍ୟ ଦିଆଯିବ। ସେହିଭଳି ଫନୀ ବାତ୍ୟା ଯୋଗୁ ଏହିଭଳି ଅବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ସେମାନଙ୍କର ସମସ୍ତ ପ୍ରାପ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ।


ସଦସ୍ୟାମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିବାକୁ ଆସିଛନ୍ତି।

**ପ୍ରାପ୍ୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବେ ବିଦ୍ୟୁତ୍ ବିଲ୍ ଆଦାୟ କରୁଥିବା ମହିଳା**

### ଜମାଖାତାରୁ ୧୦ ହଜାର ଟଙ୍କା ଗାଏବ

ଖଣ୍ଡପଡ଼ା,୧୭।୭(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଜନୈକ ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ(ଜମାଖାତା)ରୁ ୧୦ହଜାର ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ସେ ହେଉଛନ୍ତି ଖଣ୍ଡପଡ଼ା ଫେଡ୍‌କୋ କାର୍ଯ୍ୟାଳୟରେ ରାତ୍ର ଜଗୁଆଳୀ ଭାବେ କାମ କରୁଥିବା ରାମଚନ୍ଦ୍ର ସାହୁ। ସୋମବାର ଜଣେ ଅପରିଚିତ ବ୍ୟକ୍ତି ମୋବାଇଲ୍ ଫୋନ୍ ଯୋଗେ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ମ୍ୟାନେଜର ବୋଲି ପରିଚୟ ଦେଇ ସାହୁଙ୍କୁ ଏଟିଏମ୍ ନମ୍ବର ମାଗିଥିଲେ। ଏହା ନ ଦେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଏଟିଏମ୍ ସେବା ବନ୍ଦ କରିଦେବେ ବୋଲି ଚେତାବନୀ ଦେବା ଫଳରେ ସାହୁ ତାଙ୍କର ନମ୍ବରଟି ଉକ୍ତ ବ୍ୟକ୍ତିଙ୍କୁ ଫୋନ୍‌ରେ ଜଣାଇଥିଲେ। ଏହାର କିଛି ସମୟ ପରେ ସାହୁଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ଟି କିସ୍ତିରେ ୧୦ ହଜାର ଟଙ୍କା ଉଠାଣ ହୋଇଥିବା ନେଇ ମୋବାଇଲ ଫୋନ୍ ମେସେଜ୍‌ରୁ ଜାଣିପାରିଥିଲେ। ତାଙ୍କର ଷ୍ଟେଟ ବ୍ୟାଙ୍କ (ଖଣ୍ଡପଡା) ଶାଖାରେ ଆକାଉଣ୍ଟ ଥିବାରୁ ଏ ଘଟଣା ନେଇ ସେ ସମ୍ପୃକ୍ତ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଜଣାଇଥିଲେ। ଅଭିଯୋଗ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସାହୁଙ୍କ ଉକ୍ତ ଏଟିଏମ୍ କାର୍ଡଟିକୁ ତୁରନ୍ତ ରଦ୍ଦ କରି ଦେଇଥିଲେ।

■ ୭୦ତମ ବନମହୋତ୍ସବ ପାଳିତ

# ୧୨ମାସରେ ୧୪ ପର୍ବ ହେଉ ବନମହୋତ୍ସବ


ମୁଖ୍ୟ ଅତିଥି ଜିଲାପାଳ ବନ ସୁରକ୍ଷା ସମିତି ସଦସ୍ୟମାନଙ୍କୁ ପୁରସ୍କୃତ କରୁଛନ୍ତି।

ନୟାଗଡ଼ ଅଫିସ,୧୭।୭

**ଫନୀରେ ଜିଲାରେ ନଷ୍ଟ ହୋଇଛି ୩୦୦୦ ଗଛ**

ଓଡ଼ିଶାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ୧୪ ତମ ପର୍ବ ଭାବେ ବନ ମହୋତ୍ସବ ପାଳନ କରାଯାଉ। ବନ ମହୋତ୍ସବ ପର୍ବ ପାଇଁ କେହି କାହାରିକୁ ସଚେତନ କରାଇବା ଦରକାର ନାହିଁ। ଜୁଲାଇ ହେଲା ମାନେ ଲୋକମାନେ ପରିବେଶ ତଥା ନିଜର ସୁରକ୍ଷା ପାଇଁ ଗଛ ଲଗାଇବା ସହ ଏହାର ଯତ୍ନ ନେବା ଦରକାର। ତାହା ହେଲେ ବିଗୁଡୁଥିବା ପରିବେଶକୁ ଆମେ ସନ୍ତୁଳିତ କରି ରଖିପାରିବା ବୋଲି ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ମତବ୍ୟକ୍ତ କରିଛନ୍ତି। ଡିଆରଡିଏ ସମ୍ମିଳନୀ କକ୍ଷ ସୃଜନଠାରେ ବୁଧବାର ଅନୁଷ୍ଠିତ ୭୦ତମ ଜିଲାସ୍ତରୀୟ ବନ ମହୋତ୍ସବ ପାଳନ ଅବସରରେ ଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏସିଏଫ ଅରବିନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ମହୋତ୍ସବରେ ଏସ୍‌ପି ଶଶିଭୂଷଣ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପରିବେଶ ପାଇଁ ଗଛଟିଏ ଯେ କେତେ ମୂଲ୍ୟବାନ ସେ ସମ୍ପର୍କରେ କହିଥିଲେ। ଡିଏଫଓ ଧନରାଜ ହନୁମନ୍ତ ଦାମୋଦରେ ଉଦ୍‌ବୋଧନ ଦେଇ ଜିଲାରେ ଜୁଲାଇ ମାସ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ୧୦୦ ବିଭିନ୍ନ ଅନୁଷ୍ଠାନରେ ବନ ମହୋତ୍ସବ ପାଳନ କରାଯାଇ ପ୍ରାୟ ୬ ହଜାର ଗଛ ଲଗାଯାଇଥିବା ନେଇ ସୂଚନା ଦେଇଥିଲେ। ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି କହିଥିଲେ। ଫନୀ ବାତ୍ୟାରେ ନୟାଗଡ଼ ଜିଲାରେ ୩ହଜାର ଗଛ ନଷ୍ଟ ହୋଇଥିବା ନେଇ ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡ଼ି ଅନାମ ଚରଣ ପାତ୍ର, ଆରଟିଓ ପ୍ରତାପ ପ୍ରୀତିମୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବନ ମହୋତ୍ସବ ପାଳନର ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ମା' ସିନ୍ଧୁରେଇ ବନ ସୁରକ୍ଷା ସମିତିକୁ ବନ ସଂରକ୍ଷଣ ଲାଗି ବିଜୁ ପଟ୍ଟନାୟକ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଉକ୍ତ ସମିତିକୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

### ୧୫ ଗ୍ରାମ ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୧୭।୭

ଖୋର୍ଦ୍ଧା ଅବକାରୀ ସ୍କ୍ୱାଡ ପକ୍ଷରୁ ଖୋର୍ଦ୍ଧା ଆଦର୍ଶ ଥାନାର ଭାଲିଆବାଡିରେ ବୁଧବାର ପୂର୍ବାହ୍ନରେ ଅବକାରୀ ବିଭାଗ ଚଢ଼ାଉ କରି ୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଦାମ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଇନ୍ସପେକ୍ଟର ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାରେ ନିରାକାରପୁର ଷ୍ଟେଶନ ବଜାରର ଅବିନାଶ ସାମନ୍ତରାୟ (୨୪)ଙ୍କୁ ଗିରଫ କରାଯାଇ ନଂ. ୩୦/୨୦୧୯-୨୦ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଅବିନାଶଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଅବିନାଶ ଭାଲିଆବାଡି ଅଞ୍ଚଳରେ ବହୁଦିନ ଧରି ବ୍ରାଉନସୁଗାର କାରବାର କରି ଆସୁଥିବା ଅଭିଯୋଗ ଥିବାବେଳେ ଅଳ୍ପଦିନ ହେଲା ବ୍ୟବସାୟ କରୁଥିବା କହିଛନ୍ତି। ତେବେ ବ୍ରାଉନସୁଗାର କେଉଁଠୁ ଆଣୁଥିଲେ ସେ ନେଇ ମୁହଁ ଖୋଲିନାହାନ୍ତି। ବେଆଇନ ନିଶା ଓ ଖଣି ବ୍ୟବସାୟକୁ ରୋକିବାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଚଢ଼ାଉ ଜାରି ରହିଥିବାବେଳେ ଚେଇଁ ଶୋଇଥିବା ଅବକାରୀ ବିଭାଗ ଲୋକ ଦେଖାଣିଆ ଚଢ଼ାଉ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ଉତ୍ତରକୁ ଢଳିଲେ ସିଦ୍ଧେଶ୍ୱର ମହାଦେବ

ଖଣ୍ଡପଡା,୧୭।୭(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱଠାକୁର ଭାବେ ସିଦ୍ଧେଶ୍ୱର ମହାଦେବ ବିରାଜମାନ ହୋଇଛନ୍ତି। ବୁଧବାର କର୍କଟ ସଂକ୍ରାନ୍ତି ତିଥିରେ ସେ ଉତ୍ତରକୁ ଢଳିଥିବାରୁ ଏକ ଅପୂର୍ବ ଓ ଦିବ୍ୟ ଦୃଶ୍ୟକୁ ଶତାଧିକ ଶ୍ରଦ୍ଧାଳୁ ଦର୍ଶନ କରି ନିଜକୁ ଧନ୍ୟ ମନେକରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱର ପ୍ରାୟ ୨୦ ଫୁଟ ଦୂରରେ ସିଦ୍ଧେଶ୍ୱର ମହାଦେବ ପାର୍ଶ୍ୱଠାକୁର ଭାବରେ ବିରାଜିତ, ଯାହାଙ୍କ ମହିମା କପିଳ ସଂହିତାରେ ବର୍ଣ୍ଣିତ ରହିଛି। ସିଦ୍ଧେଶ୍ୱର ଲିଙ୍ଗର ବୈଶିଷ୍ଟ ହେଉଛି ଯେ, ଏହା ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଢଳିଥାନ୍ତି। ସୂର୍ଯ୍ୟ ମକର ସଂକ୍ରାନ୍ତିଠାରୁ ଉତ୍ତରକୁ ଓ କର୍କଟ ସଂକ୍ରାନ୍ତିଠାରୁ ଦକ୍ଷିଣକୁ ଗତି କରିଥାନ୍ତି। ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଉକ୍ତ ଲିଙ୍ଗ ସ୍ୱତଃପ୍ରବୃତ୍ତ ଭାବେ ଉତ୍ତରାୟଣ କିମ୍ବା ଦକ୍ଷିଣାୟନ ହୋଇଥାନ୍ତି। କର୍କଟ ସଂକ୍ରାନ୍ତି ତିଥିରେ ସିଦ୍ଧେଶ୍ୱର ମହାଦେବ ଉତ୍ତର ଦିଗକୁ ଢଳିଛନ୍ତି।


ଉତ୍ତରାୟଣ ହୋଇଥିବା ସିଦ୍ଧେଶ୍ୱର ମହାଦେବ।

### କବାଟ ଭାଙ୍ଗି ଚୋରି

ଜଟଣୀ,୧୭।୭(ଡି.ଏନ.ଏ)

ଜଟଣୀ ଥାନା ଅନ୍ତର୍ଗତ ଗଜପତିନଗର ଅଞ୍ଚଳରେ ପିନାକୀ ପ୍ରସନ୍ନ ଦାସଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ପିନାକୀ ଶୋଇଥିବାବେଳେ ଘର ପଛପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ କୋଠରି ମଧ୍ୟରୁ ଚୋରି କରିଛନ୍ତି। ଟିଭି, ଦୁଇଟି ମୋବାଇଲ୍, ଗ୍ୟାସ୍ ସିଲିଣ୍ଡର, ଡ୍ରିଲ ମେଶିନ୍, ୫ ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ।

# ଗଛ ଲଗାଅ, ପୃଥିବୀ ବଞ୍ଚାଅ ଅଭିଯାନ
## ବିଦ୍ୟାଳୟରେ ଚାରାରୋପଣ

ଖଣ୍ଡପଡ଼ା,୧୭।୭(ସ୍ୱ.ପ୍ର.)

ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ନ ହେଲେ ଅତି ଶୀଘ୍ର ମାନବ ସମାଜ ସହ ପୃଥିବୀରେ ବସବାସ କରୁଥିବା ଜୀବଜଗତ ଲୋପ ପାଇବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବୃକ୍ଷ(ଚାରା)ରୋପଣ ଉପରେ ସମ୍ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ନୟାଗଡ଼ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଖଣ୍ଡପଡ଼ା ସହରସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଛ ବଞ୍ଚାଅ, ପୃଥିବୀ ବଞ୍ଚାଅ' ସ୍ଲୋଗାନ ଦେଇ ଅଭିଯାନରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ବ୍ୟାଙ୍କ ମ୍ୟାନେଜର ପ୍ରଣବ ବାରିକ, ଜଟି ଶଙ୍କର ଜେନା, ପ୍ରକାଶ ପ୍ରଧାନ, ଯୁଧିଷ୍ଠିର ଯେନା, ସ୍ମୃତି ପ୍ରକାଶ ମଲ୍ଲିକ, ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, କ୍ରୀଡାବିତ୍ ଭିକାରୀ ଚରଣ ଖଣ୍ଡାୟତ, ସହକାରୀ ଶିକ୍ଷକ ନକୁଳ ଖୁଣ୍ଟିଆଙ୍କ ସମେତ ବିଦ୍ୟାଳୟ ଇକୋ କ୍ଲବର ସମସ୍ତ ଛାତ୍ରୀଛାତ୍ର ଅଭିଯାନରେ ସାମିଲ ହୋଇ ଫଳ ଓ ଔଷଧୀୟ ଚାରାରୋପଣ କରିଥିଲେ।


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

■ ମହିଳାଙ୍କ ମୂତ୍ରନଳୀ କାଟିଦେବା ଘଟଣା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପରିବାର

ନୟାଗଡ଼ ଅଫିସ,୧୭।୭

ନୟାଗଡ଼ ଜିଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଉଥିବା ସମୟରେ ଡାକ୍ତର ମହିଳାଙ୍କ ମୂତ୍ରନଳୀ କାଟି ଦେଇଥିଲେ। ଏହି ଘଟଣାରେ ମହିଳାଙ୍କ ପରିବାର ସଦସ୍ୟ ବୁଧବାର ଜିଲାପାଳଙ୍କୁ ଭେଟିଛନ୍ତି। ଉନ୍ନତମାନର ଚିକିତ୍ସା ପାଇଁ ମହିଳାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରିବା ଲାଗି ପରିବାର ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷେ ମଙ୍ଗଳବାର ରାତିରେ ମହିଳାଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ଡାକ୍ତରଙ୍କୁ ଏହିଭଳି ଦୁର୍ବ୍ୟବହାର କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି। ପ୍ରକାଶ ଯେ, ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଖଣ୍ଡପଡ଼ା ଗ୍ରାମର ରାମଚନ୍ଦ୍ର ବରାଡ଼ଙ୍କ ସ୍ତ୍ରୀ କାଳିଆ ବରାଡ଼ ସୋମବାର ପୂର୍ବାହ୍ନ ୧୦ଟାରେ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ଡାକ୍ତର କାଳିଆଙ୍କ ଅସ୍ତ୍ରୋପଚାର କରାଇଥିଲେ। ତେବେ ତାଙ୍କର ଶିରା ଖୋଜି ନ ପାଇବାରୁ ଡାକ୍ତର ମହିଳାଙ୍କ ମୂତ୍ରନଳୀ କାଟି ଦେଇଥିବା ନେଇ ପରିବାର ଲୋକଙ୍କ ଆଗରେ ପ୍ରକାଶ କରିଥିଲେ। ମୂତ୍ରନଳୀ କଟିଯିବା ଫଳରେ କାଳିଆଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଡାକ୍ତରଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏହିଭଳି ତ୍ରୁଟି ହୋଇଥିବା ଅଭିଯୋଗ କରିବା ସହ ମହିଳାଙ୍କ ଉନ୍ନତମାନର ଚିକିତ୍ସା ଦାବି କରି ପରିବାର ଲୋକ ମଙ୍ଗଳବାର ଦଶପଲ୍ଲା ଥାନା ଆଗରେ ରାସ୍ତାରୋକୋ କରିଥିଲେ। ରାତ୍ର ୧୨ଟାରେ ରାସ୍ତାରୋକୋ ହଟିଥିଲା। ସେହିଭଳି ଚିକିତ୍ସା ପାଇଁ ମହିଳା ଜଣଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ବର୍ତ୍ତମାନ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ମହିଳାଙ୍କ ସ୍ୱାମୀ ରାମଚନ୍ଦ୍ର ବରାଡ଼, ବଡ଼ ନଣନ୍ଦ ରୀତା ପ୍ରଧାନ, ସାନ ନଣନ୍ଦ ଗୀତା ପାଳ, ଭଉଣୀ ଯମୁନା ପାଳ ଜିଲାପାଳଙ୍କୁ ଭେଟିଥିଲେ। କାଳିଆଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିବର୍ତ୍ତେ କଟକ ବଡ଼ ମେଡ଼ିକାଲ୍‌ରେ ଚିକିତ୍ସା କରାଇବା ପାଇଁ ସେମାନେ ଦାବି କରିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମ୍‌ଓ) ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ମହିଳା ଜଣଙ୍କ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କିଛିଦିନ ପରେ ସେ ସୁସ୍ଥ ହୋଇଯିବେ। ଯଦି ପରିବାର ଲୋକ ଜିଦ୍ ଧରି ବସିବେ, ତାହା ହେଲେ ସେମାନଙ୍କୁ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ସିଡିଏମ୍‌ଓ ଡା. ମହାପାତ୍ର ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ମହିଳାଙ୍କ ପରିବାର।

**ଡାକ୍ତରଙ୍କୁ ଦୁର୍ବ୍ୟବହାର ଭିଡିଓ ଭାଇରାଲ**